# ଗାଈ କ୍ଷୀର, ଗୋବର, ମୂତ୍ରରେ ପ୍ଲାଷ୍ଟିକ୍ କଣିକା

ପଟ୍ଟାମୁଣ୍ଡାଇ,୨୪।୯(କଳ୍ପତରୁ ନାୟକ)



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁଳ ପଲିଥିନ, ପ୍ଲାଷ୍ଟିକ୍ ବର୍ଜ୍ୟ ଲୋକମାନଙ୍କ ପାଇଁ ଅଭିଶାପ ପାଲଟିଛି। ପ୍ଲାଷ୍ଟିକ୍‌ର ମାତ୍ରାଧିକ ବ୍ୟବହାର ଯୋଗୁ ଏହା ବର୍ଜ୍ୟବସ୍ତୁରେ ପରିଣତ ହୋଇ ଚାରିଆଡ଼େ ପଡ଼ିରହୁଛି। ଏହାଦ୍ୱାରା ଗୋରୁ, ଛେଳି, ମେଣ୍ଢା ପ୍ରଭୃତି ପ୍ରଭାବିତ ହେଉଛନ୍ତି। ଏପରିକି କିଛି ଗୃହପାଳିତ ପ୍ରାଣୀ ପଲିଥିନକୁ ଖାଦ୍ୟ ଭାବି ଗିଳି ଦେଉଛନ୍ତି। ଯାହାଙ୍କ କ୍ଷୀର ଲୋକେ ଖାଇ ରୋଗର ଶିକାର ହେଉଛନ୍ତି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ହୋଟେଲ ଓ ଜନବସତିରେ କୁଢ଼କୁଢ଼ ପ୍ଲାଷ୍ଟିକ୍ ଗଦା ହୋଇଛି। ଛିଣ୍ଡା ପାଲ, ପ୍ଲାଷ୍ଟିକ, ପଲିଥିନ, ସୋଲ ସମେତ ଘରର ନିତ୍ୟବ୍ୟବହୃତ ଜିନିଷ ଗଦା ହେଉଛି। ଏପରି କି କିଛି ସ୍ଥାନରେ ମୁକ୍ତ ଶୌଚାଳୟ ପାଲଟିଛି। ପ୍ଲାଷ୍ଟିକ, ଥର୍ମୋକୁଲ ବେଶିଦିନ ପଡ଼ି ରହି ମାଇକ୍ରୋ ପ୍ଲାଷ୍ଟିକ୍‌ରେ ପରିଣତ ହେଉଥିବାବେଳେ ଏସବୁକୁ ଗୃହପାଳିତ ପ୍ରାଣୀ ଖାଇ ଦେଉଛନ୍ତି। ଯାହା ପାଇଁ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ପୁଣି ଏହି ଗାଈ କ୍ଷୀର ମଣିଷ ଖାଇବା ଦ୍ୱାରା ମଣିଷ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହେଉଛି। ସୁରକ୍ଷା ଲାଗି କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ସଚେତନ କରାଯାଉଛି। ଅଥଚ ପ୍ଲାଷ୍ଟିକ୍‌ରେ ବୃଦ୍ଧି ହୋଇଯାଉଥିବା ପ୍ରଶାସନର ଅବହେଳା ପଦାରେ ପଡୁଛି। ଡାକ୍ତର ନିରାକାର ସେଠୀ କହିଛନ୍ତି, ପୂର୍ବେ ଗ୍ରାମଗୁଡ଼ିକରେ ଘରୋଇ ଦୁଗ୍ଧ ପାଇଁ ଲୋକେ ଗାଈ ପାଳୁଥିଲେ। ସେମାନେ କ୍ଷେତରେ ଘାସ ଚରନ୍ତି ଏବଂ ଗୋରକ୍ଷକ କଟା ଘାସ ରାତିରେ ଦିଅନ୍ତି। ସେହି ଗାଈମାନେ ଦେଉଥିବା କ୍ଷୀରକୁ ଲୋକେ ପିଇବା ଦ୍ୱାର ଅନେକ ଲାଭ ମିଳେ। ଗାଈ କ୍ଷୀରରେ

■ ଗୋ ଚାରଣ ଭୂମି ମିଳୁନି

■ ଗୋରୁ ଖାଉଛନ୍ତି ପ୍ଲାଷ୍ଟିକ୍ ବ୍ୟାଗ୍, ଅଳିଆ

କ୍ୟାଲସିୟମ୍, ଭିଟାମିନ୍-ବି, ଫସ୍‌ଫରସ୍ ଏବଂ ପ୍ରୋଟିନ୍ ଭଳି ଉପାଦାନ ରହିଥାଏ। କ୍ଷୀରରେ ଭିଟାମିନ୍ ଡି' ଭରପୂର ଥିବାରୁ କର୍କଟ ପ୍ରତିରୋଧ ଶକ୍ତି ବଢ଼େ, ଆଖି ପାଇଁ ଲାଭଦାୟକ, ହୃଦୟ ସୁସ୍ଥ ରୁହେ ଓ ପ୍ରତିରକ୍ଷା ପ୍ରଣାଳୀ ଶକ୍ତିଶାଳୀ ହୁଏ। କିନ୍ତୁ ଏବେକାର କ୍ଷୀରରେ ଏ ସବୁ ପ୍ରାୟତଃ ମିଳୁନାହିଁ। ଗୋ ଚାଷୀ ସୁଶାନ୍ତି ସାମଲ କହିଛନ୍ତି, ଘରୋଇ ଗୋରୁଙ୍କ ସଂଖ୍ୟା ବହୁତ ହ୍ରାସ ପାଇଛି। ଏହାର ମୁଖ୍ୟ କାରଣ ହେଉଛି ଚାରଣ ଭୂଇଁ। ଏବେ ଚାରଣ ଭୂଇଁ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଯାଇଥିବା ବେଳେ ଗାଁ ଗହଳିରେ ଥିବା ଗୋଚର, ଅନାବାଦୀ, ନୟନଯୋରିକୁ ପୋତାଯାଇ ସରକାରୀ ଅନୁଦାନପ୍ରାପ୍ତ ଉନ୍ନତିମୂଳକ କାମ ହେଉଛି। ଫଳରେ ଗୋରୁ ଚରିବାକୁ ଚାରଣ ଭୂମି ପାଉନାହାନ୍ତି। ମୁଦ୍ରାସ୍ଫୀତି ହେତୁ ପ୍ରାଣୀମାନଙ୍କୁ ଉପଯୁକ୍ତ ଖାଦ୍ୟ ଯୋଗାଇବା କଷ୍ଟକର ହୋଇପଡୁଛି। ଏହି ବାଧ୍ୟତାମୂଳକ କାରଣରୁ ଗୋରୁମାନଙ୍କୁ ଖୋଲା ସ୍ଥାନରେ ଛାଡ଼ିବାକୁ ପଡୁଛି। ଖୋଲା ସ୍ଥାନରେ ପକାଯାଇଥିବା ପଲିଥିନ, ପେପର ଖାଇ ପେଟ ପୂରାଉଛନ୍ତି। ଗବେଷକ ଆର୍ତ୍ତତ୍ରାଣ ପାତ୍ର କହିଛନ୍ତି, ଗୋରୁ ପ୍ଲାଷ୍ଟିକ ବ୍ୟାଗ କିମ୍ବା ଅଳିଆ ଖାଇବା ପରେ ଗୁରୁତର ରୋଗରେ ଅସୁସ୍ଥ ହୋଇପଡନ୍ତି। ଗାଈ କ୍ଷୀର ବାଛୁରୀ ପିଇବା ଦ୍ୱାରା ସେ ମଧ୍ୟ ପ୍ରଭାବିତ ହୋଇ ରୋଗରେ ପଡ଼ି ଅସୁସ୍ଥ ଅବସ୍ଥାରେ ମୃତ୍ୟୁ ଘଟୁଛି। ପ୍ରାଣୀମାନଙ୍କରେ କର୍କଟ ଭଳି ରୋଗ ମଧ୍ୟ ବହୁ ମାତ୍ରାରେ ବୃଦ୍ଧି ପାଉଛି। ୨୦୨୨ ମସିହାରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ, ଗାଈ କ୍ଷୀର, ଗୋବର ଏବଂ ମୂତ୍ରରେ ପ୍ଲାଷ୍ଟିକ୍ କଣିକା ମିଳୁଛି। ଯାହା କେବଳ ପ୍ରାଣୀଙ୍କ ପାଇଁ କ୍ଷତିକାରକ ନୁହେଁ ବରଂ ମଣିଷଙ୍କ କର୍କଟ ରୋଗକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପ୍ଲାଷ୍ଟିକ ବ୍ୟାଗ ଉପରେ ନିଷେଧାଦେଶ ଜାରି କରାଯାଇଥିବାବେଳେ ଫୁଟ୍‌ପାଥ ଦୋକାନୀମାନଙ୍କ ସହ ସ୍ଥାୟୀ ଦୋକାନୀମାନେ ମଧ୍ୟ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର କରୁଛନ୍ତି। ଏହିପଲିଥିନ ବ୍ୟାଗରେ ଛୁଞ୍ଚି, ତାର, ନଖ ସହ ଅନ୍ୟ ଘରୋଇ ବର୍ଜ୍ୟବସ୍ତୁ ଅଳିଆଗଦାରେ ପକାଯାଏ। ଗୋରୁମାନେ ଏହାକୁ ସେମାନଙ୍କର ଖାଦ୍ୟ ଭାବରେ ବ୍ୟବହାର କରନ୍ତି।

# ଗଣ୍ଡଗୋଳରୁ ଘର ଯପୋଡ଼ି, ୩ ଗୁରୁତର

ଡେରାବିଶ,୨୪।୯ (ବେବର୍ତ୍ତା ଅଜୟ ଦାସ)

**ଗୁହାଳରେ ନିଆଁ ଲଗାଇବାରୁ ୩ ଗାଈ ଆହତ**

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଡେରାବିଶ ବ୍ଲକ ଜଆଁରାବାରିମୂଳ ପଞ୍ଚାୟତ ତେରମା ଗାଁରେ ଜମି ବାଡିକୁ କେନ୍ଦ୍ର କରି ମଙ୍ଗଳବାର ରାତ୍ର ସାଢ଼େ ୮ଟାରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଜଣଙ୍କ ଗୁହାଳ ଘରେ ନିଆଁ ଲଗେଇ ଦିଆଯିବାରୁ ୩ ଗାଈ ଗୁରୁତର ହୋଇଛନ୍ତି। ଖବରପାଇ ଘଟଣାସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ତେରମା ଗାଁର ଭିକାରୀ ସ୍ୱାଇଁ ଓ ଧ୍ରୁବ ସାଇଁଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ପୂର୍ବରୁ ବିବାଦ ଓ ପାରିବାରିକ ତିକ୍ତତା ଲାଗି ରହିଥିଲା। ମଙ୍ଗଳବାର ରାତିରେ ଉଭୟ ପରିବାରଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏଥିରେ ଭିକାରୀ ଓ ତାଙ୍କ ପୁଅ ମିଣ୍ଟା ଉତ୍‌କ୍ଷିପ୍ତ ହୋଇ ଧ୍ରୁବଙ୍କ ଗୁହାଳ ଘରେ ନିଆଁ ଲଗାଇ ଦେବାରୁ ୩ଟି ଗାଈ ପୋଡ଼ି ଗୁରୁତର ହୋଇଛନ୍ତି। ଏଥିସହ ଭିକାରୀ ଓ ମିଣ୍ଟାଙ୍କ ଆକ୍ରମଣରେ ଧ୍ରୁବଙ୍କ ସ୍ତ୍ରୀ, ପୁଅ ପ୍ରବୀର ଓ ଝିଅ କଲ୍ୟାଣୀ ଗୁରୁତର ହୋଇଛନ୍ତି ବୋଲି ଧ୍ରୁବ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଛି। ଚାନ୍ଦୋଳ ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀ ପୋଡ଼ି ଯାଇ ଆହତ ହୋଇଥିବା ଗାଈଙ୍କୁ ଚିକିତ୍ସା କରୁଥିବା ଜଣାପଡ଼ିଛି।



ନିଆଁ ଲଗାଇଦେବାରୁ ଘର ଜଳିଯାଉଛି।

# କାଦୁଅରେ ଦୀର୍ଘ ସମୟ ଠିଆ ହେଲେ ଦିବ୍ୟାଙ୍ଗ



ବର୍ଷା କାଦୁଅ ସତ୍ତ୍ୱେ ଶିବିରରେ ଦିବ୍ୟାଙ୍ଗମାନେ ଲାଇନ୍‌ରେ ଠିଆ ହୋଇଛନ୍ତି।

କୁଜଙ୍ଗ, ୨୪।୯(ମନୋଜ ପ୍ରଧାନ)

■ ଭିନ୍ନକ୍ଷମ ଭୀମ ଭୋଇ ଚିହ୍ନଟ ଶିବିରରେ ଅବ୍ୟବସ୍ଥା

■ ୪୩୧ ରୋଗୀ ପଞ୍ଜୀକୃତ , ୮ ଅଗ୍ରାହ୍ୟ

କୁଜଙ୍ଗ ବନ ବିହାରୀ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ଭିନ୍ନକ୍ଷମ ଭୀମ ଭୋଇ ଚିହ୍ନଟ ଶିବିର ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ।ଶିବିରରେ ୪୩୧ ଜଣ ଭିନ୍ନକ୍ଷମ ଚିହ୍ନଟ ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ।

ତେବେ ପାଣିପାଗ ବିଭାଗର ପୂର୍ବ ସୂଚନାକୁ ବେଖାତିର କରି ବ୍ଲକ ପ୍ରଶାସନ ପକ୍ଷରୁ ନାମକୁ ମାତ୍ର ତମ୍ବୁ କରାଯାଇଥିଲା। ଫଳରେ ତମ୍ବୁ ତଳେ କାଦୁଅରେ ଦୀର୍ଘ ସମୟ ଧରି ଦିବ୍ୟାଙ୍ଗମାନେ ଠିଆ ହେବାକୁ ବାଧ୍ୟ ହୋଇଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅତିରିକ୍ତ ବିଡିଓ ପ୍ରଶାନ୍ତ ଜେନାଙ୍କୁ ପଚାରିବାରୁ ତମ୍ବୁ ମାଲିକଙ୍କ ଖାମଖିଆଲି ନୀତି ଯୋଗୁ ଏଭଳି ହୋଇଛି । ଆଗକୁ ଏଭଳି ତମ୍ବୁ ମାଲିକକୁ କୌଣସି କାର୍ଯ୍ୟକ୍ରମରେ ସାମିଲ କରାଯିବ ନାହିଁ। ଦାୟିତ୍ୱରେ ଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏଭଳି ବର୍ଷା ହେବ ବୋଲି ତାଙ୍କୁ ଜଣା ନ ଥିଲା। ତମ୍ବୁ ଖାଲୁଆ ଅଞ୍ଚଳରେ ହୋଇଥିବାରୁ ଏଭଳି ସମସ୍ୟା ହୋଇଥିଲା । ଫଳରେ ପରିସ୍ଥିତି ଦେଖି ବାଲି ପକାଯାଇଥିବା କହିଛନ୍ତି। ଶିବିରରେ ମସ୍ତିଷ୍କଜନିତ ୨୧୧, ଚକ୍ଷୁଜନିତ ୫୨, ନାଶା, ଗଳା ଓ କର୍ଣ୍ଣଜନିତ ୨୩, ମାନସିକଜନିତ ୯୩ ଓ ସ୍ନାୟବିକ ଏବଂ ଭେଷଜଜନିତ ୫୨ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେଥିରୁ ୮ ଜଣଙ୍କ ପଞ୍ଜୀକରଣ ଅଗ୍ରାହ୍ୟ ହୋଇଥିଲା। କଟକ ବଡ଼ ଡ଼ାକ୍ତରଖାନା, ଜିଲାମୁଖ୍ୟ ଚିକିତ୍ସାଳୟ ଓ ଅଠରବାଙ୍କୀ ବିଜୁ ସ୍ମାରକୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦ ଜଣ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସଞ୍ଜୟ



@ ସ୍ମୃତି



@ ରାଉଳ



@ ରାଜା



@ ରାଜେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୃତ କାଠଯୋଡ଼ି ନଦୀ ଗର୍ଭରେ ନିର୍ମାଣ ହେଉଛି କଲେଜ

ରଘୁନାଥପୁର,୨୪।୯
(ରାଜେନ୍ଦ୍ର ନାରାୟଣ ସିଂହ)

■ ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନ କରିବାକୁ ଉଦ୍ୟମ

■ ତହସିଲଦାରଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ତହସିଲ ଅନ୍ତର୍ଗତ ରେଡୁଆ ପଞ୍ଚାୟତ ମୁଣ୍ଡାଳସ୍ଥିତ ଚାଷୋପଯୋଗୀ ମୃତ କାଠଯୋଡି ନଦୀ ଗର୍ଭରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପକ୍ଷରୁ ଏକ ଘରୋଇ କଲେଜ ପାଇଁ ଗୃହ ନିର୍ମାଣ ଚାଲିଛି। ଆଖପାଖ ୫ଟି ପଞ୍ଚାୟତର ଜନସାଧାରଣ ଏନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାଛଡା ଉକ୍ତ ପ୍ରଭାବଶାଳୀ ବ୍ୟକ୍ତି ଜଣଙ୍କ ନିର୍ମାଣ ହେଉଥିବା ଚାଷଜମିର କିସମକୁ ଘରବାରି ଯୋଗ୍ୟରେ ପରିବର୍ତ୍ତନ କରି ଗୃହ କାର୍ଯ୍ୟ ଶେଷ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। କିସମ ପରିବର୍ତ୍ତନ ପାଇଁ ସେ ରଘୁନାଥପୁର ତହସିଲରେ ମଧ୍ୟ ଆବେଦନ କରିଛନ୍ତି। ତେବେ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କିସମ ପରିବର୍ତ୍ତନ ନ କରିବାକୁ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ତହସିଲଦାରଙ୍କୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, କି ଅଳକା ନଦୀର ଶାଖାନଦୀ ଭାବେ ମୃତ କାଠଯୋଡି କ୍ରମଶଃ ପୋତି ହୋଇଯାଇଥିଲା। କେବଳ ବର୍ଷାଦିନେ ଚାଷଜମିରୁ ନିସୃତ ହେଉଥିବା ପାଣି ଏହି ନଦୀ ଦେଇ ନିଷ୍କାସନ ହୋଇଥାଏ। ଖରା ଓ ଶୀତଦିନେ ସ୍ଥାନୀୟ ଲୋକେ ଏହି ନଦୀ ଶଯ୍ୟାରେ ଚାଷବାସ କରି ନିଜର ଜୀବିକା ନିର୍ବାହ କରୁଥିଲେ। ଲୋକଙ୍କ ଆବଶ୍ୟକତାକୁ ଦେଖି କେବଳ ଚାଷବାସ ପାଇଁ ସରକାର ଏହାକୁ ପ୍ଲଟିଂ କରି ସ୍ଥାନୀୟ ଅଧିବାସୀଙ୍କ ନାମରେ ପଟ୍ଟା କରିଥିଲେ। ମାତ୍ର କେତେଜଣ ଅସାଧୁ ମୁଷ୍ଟିମେୟ ବ୍ୟକ୍ତିଙ୍କ ନଜର ଏହି ଚାଷ ଜମି ଉପରେ ପଡ଼ିଥିଲା। ଜଣେ ପ୍ରଭାବଶାଳୀ ବ୍ୟକ୍ତି ସ୍ଥାନୀୟ ଅଧିବାସୀଙ୍କୁ ପ୍ରଲୋଭନ ଦେଖାଇ ଉକ୍ତ ଜମିର ଖାତା ନଂ.୧୫୮/୫୬, ପ୍ଲଟ ନଂ. ୮୭ର ୩ ଏକରକୁ ଶାଗମାଛ ଦରରେ ନିଜ ନାମରେ ପଟ୍ଟା କରାଇ ନେଇଥିଲେ। ଏବେ ସେଠାରେ କଲେଜ ଗୃହ ନିର୍ମାଣ କରାଯାଉଛି। ଏହି ସ୍ଥାନରେ ଗୃହ ନିର୍ମାଣ କରାଗଲେ ବର୍ଷାଦିନେ ନିସୃତ ପାଣି ନିଷ୍କାସନ ହୋଇ ନ ପାରି ସ୍ଥାନୀୟ ଅଞ୍ଚଳ ଜଳପ୍ଲାବିତ ହେବ। ଫଳରେ ୬/୭ ପଞ୍ଚାୟତବାସୀଙ୍କ ଚାଷଜମି କ୍ଷତିଗ୍ରସ୍ତ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ୨୦୨୨ରେ ଉକ୍ତ କଲେଜ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସମୟରେ ସ୍ଥାନୀୟ ଅଧିବାସୀ ବିରୋଧ କରିଥିଲେ। ଏହାପରେ ତତ୍କାଳିନ ତହସିଲଦାର ରୂପାଲିକା ଦାଶ ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ମାତ୍ର ତହସିଲଦାର ଦାଶଙ୍କ ବଦଳି ପରେ ଉକ୍ତ ବ୍ୟକ୍ତି ଜଣଙ୍କ ଏହି ଜମିର କିସମ ପରିବର୍ତ୍ତନ କରି ନିର୍ମାଣ କାର୍ଯ୍ୟ କରାଇନେବା ପାଇଁ ଉଦ୍ୟମ ଚଳାଇଛନ୍ତି। ଜିଲା କୃଷକ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା, ପାର୍ଥଶାଖା ପାଲଟାସିଂହ, ଗଙ୍ଗାଧର ଜେନା, ପ୍ରଫୁଲ୍ଲ ମହାପାତ୍ର, ପ୍ରଭାକର ମହାପାତ୍ର, ଜ୍ଞାନେନ୍ଦ୍ର ମିଶ୍ରଙ୍କ ସହ ଅନେକ ବ୍ୟକ୍ତି ଏହାକୁ ବିରୋଧ କରି ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ତପନ ପରିଡା କହିଛନ୍ତି, ଅଭିଯୋଗ ପାଇଛି ଏବଂ ରେଡୁଆ ସର୍କଲ ଆର୍‌ଆଇଙ୍କୁ ତଦନ୍ତ ପାଇଁ ଦିଆଯାଇଛି, ତେବେ ନଦୀଶଯ୍ୟାରେ ଥିବା ଚାଷଜମି ଘରବାରି କିସମ ଯୋଗ୍ୟ ହୋଇପାରିବ ନାହିଁ ବୋଲି ଅତିରିକ୍ତ ତହସିଲଦାର ପରିଡା ପ୍ରକାଶ କରିଛନ୍ତି।

# ସମୁଦ୍ର ଗର୍ଭରେ ଧ୍ୱଂସହେବ ଅଗରନାସୀ ଝାଉଁ ଜଙ୍ଗଲ

■ ଲଞ୍ଚଘୋଲାରେ ଅଧା ଗିଳିଲାଣି

■ ଆଇଲାଣ୍ଡ ବାଲିଢ଼ିପରେ ଆଡ୍ଡା ଜମାଇଛନ୍ତି ମତ୍ସ୍ୟଜୀବୀ

■ ବିଭାଗ ଦୃଷ୍ଟି ଦେବାକୁ ଦାବି

ମହାକାଳପଡ଼ା,୨୪।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ସମୁଦ୍ର ଗିଳିଲାଣି ଝାଉଁ ଜଙ୍ଗଲ।

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସାମୁଦ୍ରିକ ଜଳ ପତନ ବୃଦ୍ଧି ପାଇବା ସହ ଉଚ୍ଚ ଲହଡ଼ିରେ କୂଳ ଅବକ୍ଷୟ ହେଉଛି। ସମୁଦ୍ର ଅବକ୍ଷୟକୁ ରୋକିବା ପାଇଁ ୭୦ରୁ ୮୦ ଦଶକରେ ବନ ବିଭାଗ ପକ୍ଷରୁ ସମୁଦ୍ର କୂଳିଆ ଆଇଲାଣ୍ଡ ବାଲିଢ଼ିପରେ ବିସ୍ତୃତ ଅଞ୍ଚଳରେ ଝାଉଁ ଚାରା ରୋପଣ କରାଯାଇଥିଲା। ଫଳରେ ସମୁଦ୍ର ଢେଉରୁ ରକ୍ଷା ପାଇବା ପାଇଁ ଝାଉଁ, ହେନ୍ତାଳ ଓ ଲୁଣା ଜଙ୍ଗଲ ସୃଷ୍ଟି ହୋଇଥିଲା। ହେଲେ ସମୁଦ୍ର କରାଳ ଗର୍ଭରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ଉପକୂଳ ଅଞ୍ଚଳକୁ ସୁରକ୍ଷା ଦେଉଥିବା ଅଗରନାସୀ ୫ କିମି ପର୍ଯ୍ୟନ୍ତ ଝାଉଁ ଜଙ୍ଗଲ ସମ୍ପୂର୍ଣ୍ଣ ସମୁଦ୍ର ଗର୍ଭକୁ ଚାଲିଯାଇଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହା ପରେ ଲଞ୍ଚଘୋଲାଠାରେ ସମୁଦ୍ର ଅଧା ଝାଉଁ ଜଙ୍ଗଲକୁ ଗିଳି ସାରିଲାଣି। ସମୁଦ୍ରର ବଡ଼ ବଡ଼ ଢେଉ ମାଡ଼ରେ ଝାଉଁ ଜଙ୍ଗଲ ଧରାଶାୟୀ ହୋଇ ଯାଉଥିବା ଦେଖିବାକୁ ମିଳୁଛି।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ହୁକିଟୋଲା ଅନତି ଦୂରରେ ଲଞ୍ଚଘୋଲା, ମାଦଳୀ, ଷୋଳମୁହାଣ ଜଙ୍ଗଲକୁ ଅଧା ସମୁଦ୍ର ଗିଳିଗଲାଣି। ଆଗାମୀ କିଛିବର୍ଷ ମଧ୍ୟରେ ସମୁଦ୍ର ଏହି ଜଙ୍ଗଲକୁ ଗ୍ରାସ କରି ସ୍ଥଳ ଭାଗରେ ପହଞ୍ଚି ବିପୁଳ ପରିମାଣରେ କ୍ଷତି ପହଞ୍ଚାଇବ ବୋଲି ପରିବେଶ ପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସ୍ଥାନୀୟ ସମୁଦ୍ରକୂଳିଆ ଅଞ୍ଚଳର ଲୋକମାନେ ସଚେତନ ହେବା ସହ ପ୍ରଚୁର ପରିମାଣରେ ଗଛ ଲଗାଇଲେ ଏହି ମହାବିପଦରୁ ରକ୍ଷା ମିଳିବ ବୋଲି ବଡିଘର, ଜମ୍ବୁ ଅଞ୍ଚଳର ବହୁ ବୁଦ୍ଧିଜୀବୀ କହିଛନ୍ତି। ଅପରପକ୍ଷରେ ବଡିଘର ପଞ୍ଚାୟତ ମହାନଦୀ ମୁହାଣ ସଂଲଗ୍ନ ହେଟାମୁଣ୍ଡିଆ ସଂରକ୍ଷିତ ଝାଉଁ ବଣର ବହୁ ଗଛ ଲହଡ଼ି ମାଡ଼ରେ ଧରାଶାୟୀ ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ମତ୍ସ୍ୟଜୀବୀ ଏହି ନିଷିଦ୍ଧ ଅଞ୍ଚଳ ଆଇଲାଣ୍ଡ ବାଲିଢିପରେ ଆଡ୍ଡା ଜମାଇବା ସହ ଝାଉଁ ଗଛରେ ଡଙ୍ଗାକୁ ବାନ୍ଧିବା ଦ୍ୱାରା ଝାଉଁ ଗଛ ଧୀରେ ଧୀରେ ସମୁଦ୍ର ଢେଉ ମାଡ଼ରେ ଉପୁଡ଼ି ଯାଉଥିବା ଜଣେ ମତ୍ସ୍ୟଜୀବୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏହି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏହି ଆଇଲାଣ୍ଡ ବାଲିଢିପରେ ଆଡ୍ଡା ଜମାଇଥିବା ମତ୍ସ୍ୟଜୀବୀମାନେ ମାଛ ଧରିବା ସହ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏପରିକି ନିଶା ଦ୍ରବ୍ୟ କାରବାର ଓ ବିକ୍ରିବଟା, ସାମୁଦ୍ରିକ ମୂଲ୍ୟବାନ ମାଛକୁ ଅତି ସହଜରେ ନିକଟ ପାରାଦୀପ ମାଛ ଗଦିକୁ ଚାଲାଣ କରିଥାନ୍ତି। ଏହି ଅଞ୍ଚଳ ନିର୍ଜନ ହୋଇଥିବାରୁ ଶହ ଶହ ସଂଖ୍ୟାରେ ମତ୍ସ୍ୟଜୀବୀ ଅନାୟାସରେ ବସବାସ କରୁଥିବା ଦୀର୍ଘଦିନ ଧରି ଅଭିଯୋଗ ହୋଇ ଆସୁଛି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରେ ସମୁଦ୍ର ଉଚ୍ଚ ତରଙ୍ଗ ମାଡ଼ରେ ଅଗରନାସୀ ଓ ବାବୁବାଲି ଆଇଲାଣ୍ଡ ସମୁଦ୍ର ଗର୍ଭକୁ ଚାଲିଯାଇଛି। ପ୍ରକୃତିର କରାଳ ରୂପ ଉପକୂଳ ଅଞ୍ଚଳର ପ୍ରାକୃତିକ ପରିବେଶ ବଦଳାଉଛି। ଉକ୍ତ ସ୍ଥାନର ବିଭିନ୍ନ ସମସ୍ୟା ଓ ଦିଗ ପ୍ରତି ବିଭାଗ ଯତ୍ନବାନ ଅଛି ବୋଲି ସେ କହିଛନ୍ତି।

# ବରଡ଼ା ମାଲଗୋଡ଼ା, ବାଜବାଟି ଖାଦାନରେ ବେଆଇନ ଉତ୍ତୋଳନ

ଯାଜପୁର,୨୪।୯(ହର୍ଷବର୍ଦ୍ଧନ ବେହେରା)

- କଳାପଥର ଲୁଟ୍ ପାଇଁ ଅସାଧୁ ଚୁକ୍ତି, ମାଫିଆଙ୍କୁ ସୁରକ୍ଷା
- ଡିଜିଏମ୍ଏସ୍ ଆଇନ ଉଲ୍ଲଂଘନ, ବିପଦରେ ଶ୍ରମିକଙ୍କ ଜୀବନ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ମହଜୁଦ ଥିବା ମୂଲ୍ୟବାନ କଳାପଥର ଖାଦାନ ଲୁଟ୍ ପ୍ରକ୍ରିୟା ପୁଣି ଆରମ୍ଭ ହୋଇଛି। କିଛିଦିନର ନୀରବତା ପରେ ବରଡ଼ା ମୌଜାର ଏକ ବଡ଼ ଖାଦାନ ମାଲଗୋଡ଼ାରୁ ଦିନରାତି ବିପୁଳ କଳାପଥର ଉତ୍ତୋଳନ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ସୂଚନା ମିଳିଛି। ଏହାସହ ବାଜବାଟି କଳାପଥର ଖାଦାନରୁ ଅନୁରୂପ ଭାବେ କଳାପଥର ଲୁଟ କରାଯାଇ ନିକଟସ୍ଥ କ୍ରଶରଗୁଡ଼ିକୁ ଚାଲାଣ କରାଯାଉଛି। ଯାଜପୁର ଲଘୁ ଖଣି ବିଭାଗ ପ୍ରାୟଦିନ ପାଟ୍ରୋଲିଂ କରୁଥିଲେ ହେଁ ଏହି ବେଆଇନ କଳାପଥର କାରବାର ଉପରେ ଆଖିବୁଜି ଦେଉଛନ୍ତି। କଳାପଥର ମାଫିଆ ଲଘୁ ଖଣି ବିଭାଗୀୟ ଅଧିକାରୀଙ୍କ ସହ ଅସାଧୁ ଚୁକ୍ତି କରି ରାଜ୍ୟ ସରକାରଙ୍କ ବିପୁଳ କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟାଉଥିବା ଚର୍ଚ୍ଚା ହେଉଛି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ରହିଥିବା ମୂଲ୍ୟବାନ କଳାପଥର ବା ଗ୍ରାନାଇଟ୍ ଏବେ ପ୍ରାୟ ସରିବାକୁ ଯାଉଛି। ଛୋଟବଡ଼ କରି ପ୍ରାୟ ୨୦୦ ଖାଦାନ ମଧ୍ୟରୁ ଏବେ ୮୫ଟି ଖାଦାନ ସରକାରୀ ଭାବେ ରହିଛି। ସେଥିରୁ ଏଯାଏ ପ୍ରାୟ ୩୭ଟି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇଛି। ବାକି ଅଧିକାଂଶ ଖାଦାନରୁ ବେଆଇନ ଉତ୍ତୋଳନ ହେଉଛି। ଅନ୍ୟପକ୍ଷେ ଯେଉଁଠାରେ ଆଇନ ଅନୁସାରେ କଳାପଥର ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି, ସେଠାରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଜରିମାନା ଭୟରେ ସରକାରୀ ଅନୁମତି ଏରିଆଠାରୁ ବାହାର ଖାଦାନରୁ ବିପୁଳ ପରିମାଣର କଳାପଥର ଉତ୍ତୋଳନ କରାଯାଇ କ୍ରଶରଗୁଡ଼ିକୁ ଚାଲାଣ କରାଯାଉଛି। ବିସ୍ଫୋରଣ କରି ଉତ୍ତୋଳନ କରାଯାଉଥିବା ଯୋଗୁ ବେଳେବେଳେ ପାହାଡ଼ ଧସି ଶ୍ରମିକମାନଙ୍କ ଅକାଳ ମୃତ୍ୟୁ ହେଉଥିବା ନଜିର ରହିଛି। ଉଙ୍କାରୀ ପାହାଡ଼ର ବିଏସ୍କ୍ୟୁ ନମ୍ବର ୫/୧୦ କଳାପଥର



ଖାଦାନରେ ୧୬।୫।୨୦୨୪ରେ ଅତଡ଼ା ଖସି ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହାବାଦ ୨୦୧୭ରୁ ଏଯାଏ ପ୍ରାୟ ୫୦ ଜଣ ଶ୍ରମିକଙ୍କ କଳାପଥର ଖାଦାନରେ ବିଭିନ୍ନ ଦୁର୍ଘଟଣା ଏବଂ ଅବହେଳାରୁ ମୃତ୍ୟୁ ହୋଇଛି। ଏନେଇ ବିଭିନ୍ନ ସମୟରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ହୋଇଛି। କଳାପଥର ଲୁଟ ଓ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ହେଉଥିଲେ ବି କିଛି ସୁଫଳ ମିଳି ପାରିନାହିଁ। ଏପରି କି ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍‌ଟି (ଡିଜିଏମ୍ଏସ୍)ର ନିୟମକୁ ଅଣଦେଖା କରି କଳାପଥର ଲୁଟ୍ ଚାଲିଛି। ଫଳରେ କେତେଜଣ ପ୍ରଭାବଶାଳୀ ନେତାଙ୍କ ସମର୍ଥକମାନେ କଳାପଥର ବେପାର କରି ମାଲାମାଲ ହେଉଥିବାବେଳେ ନିରୀହ ଶ୍ରମିକଙ୍କ ଜୀବନ ଯାଉଛି।

ମିଳିଥିବା ସୂଚନା ଅନୁସାରେ, ବରଡ଼ା ମୌଜାର ମାଲଗୋଡ଼ାର ୨ଟି ଖାଦାନରୁ କଳାପଥର ଉତ୍ତୋଳନ ପାଇଁ ପ୍ରକାଶ ନାୟକ ନାମକ ଜଣେ ଲିଜ୍‌ଧାରୀଙ୍କୁ ୩ ମାସ ପର୍ଯ୍ୟନ୍ତ କ୍ଷଣସ୍ଥାୟୀ ଅନୁମତି ମିଳିଥିଲା। ଇତିମଧ୍ୟରେ ଉକ୍ତ ଅନୁମତି ସମୟ ସରି ଯାଇଥିବାବେଳେ ବିଭାଗ ପକ୍ଷରୁ ଆଉ ଟ୍ରାନ୍‌ଜିଟ ପାସ୍(ଟିପି) ପ୍ରଦାନ କରାଯାଉ ନାହିଁ। ତଥାପି ମାଲଗୋଡ଼ା ଖାଦାନରୁ ଅହରହ ବିପୁଳ କୋଟି ଟଙ୍କାର କଳାପଥର ଲୁଟ ହୋଇଛି। ତେଣୁ ବେଆଇନ କଳାପଥର ଉତ୍ତୋଳନ ଉପରେ ଖଣି ବିଭାଗ କେବେ ମାପଚୁପ କରି ଆବଶ୍ୟକ ଜରିମାନା ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସେହିପରି ବାଜବାଟି ଖାଦାନରୁ ପ୍ରଚଣ୍ଡ ବିସ୍ଫୋରଣ କରି କଳାପଥର ଉତ୍ତୋଳନ ହେଉଥିବାରୁ ଭୂତଳ ଜଳ ଓ ବାୟୁ ପ୍ରଦୂଷଣ ହେଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଆଖପାଖ ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ବାସିନ୍ଦା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପ ନିର୍ଦ୍ଦେଶକ(ଡିଡିଏମ) ଜୟ ପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ନିୟମିତ ଭାବେ ବେଆଇନ କଳାପଥର କାରବାର ଉପରେ ତଦନ୍ତ ଚାଲିଛି। ବରଡ଼ା ଏବଂ ବାଜବାଟିରେ କଳାପଥର ଲୁଟ୍ ସଂକ୍ରାନ୍ତରେ ତାଙ୍କ ପାଖରେ ଖବର ନାହିଁ। ଏନେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# କର୍କଟ ପୀଡ଼ିତଙ୍କୁ ସହାୟତା



କର୍କଟ ପୀଡ଼ିତ ଅଜୟ ଦାସଙ୍କୁ ସହାୟତା ପ୍ରଦାନ କରାଯାଉଛି।

କାଏମା,୨୪।୯(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ୍ ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କର୍କଟ ପୀଡ଼ିତ ଅଜୟ ଦାସଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଧର୍ମଶାଳା ବ୍ଲକ୍ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଅଜୟଙ୍କ ବୟସ ପାଖାପାଖି ୫୩ ବର୍ଷ ହେବ। ପରିବାର କହିଲେ ସେ ଓ ତାଙ୍କ ସ୍ତ୍ରୀ। ଅଜୟ ଦୀର୍ଘ ୧୯ ବର୍ଷ ହେବ ଗଳା କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏଥିପାଇଁ ତାଙ୍କ ଗଳାରେ ପ୍ରତି ୫ ବର୍ଷରେ ଏକ ମେଶିନ ଲଗାଇବାକୁ ପଡ଼ିଥାଏ। ଏହାର ମୂଲ୍ୟ ପାଖାପାଖି ୭୦ ହଜାର ଟଙ୍କା। ମାତ୍ର ଅଜୟଙ୍କ ସ୍ଥିତି ସେତେଟା ଭଲ ନୁହେଁ, ଯାହାଦ୍ୱାରା ସେ ମେଶିନ କିଣି ଲଗାଇପାରିବେ। ଅଜୟ ଏକ ଦୋକାନରେ କାମ କରି ମାସିକ ୫ ହଜାର ଟଙ୍କା ରୋଜଗାର କରି ପରିବାର ଚଳାନ୍ତି। ସହୃଦୟ ବ୍ୟକ୍ତିଙ୍କ ସହଯୋଗରେ ସେ ୨୦୧୦, ୨୦୧୪ ଓ ୨୦୧୭ରେ ଏହି ମେଶିନ ଲଗାଇଥିଲେ। କିନ୍ତୁ ଏବେ ମେଶିନର ସମୟ ସୀମା ସରିଯିବାରୁ ସେ ଅନେକ କଷ୍ଟ ପାଉଛନ୍ତି। ମେଶିନ ଲଗାଇବା ପାଇଁ ସହଯୋଗ ମିଳି ପାରି ନ ଥିବାବାରୁ ସେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ କାର୍ଯ୍ୟାଳୟରେ ପହଞ୍ଚି ଟ୍ରଷ୍ଟ ସଦସ୍ୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଜଣାଇଥିଲେ। ଏବେ ସହାୟତା ମିଳିବାରୁ ସେ ମେଶିନ ଲଗାଇ ପାରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ କେହି ସ ହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ସେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟ ତାଲାଭାଙ୍ଗି ଲୁଟ୍

ବରୀ,୨୪।୯(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଧୀନ ବାଲିବିଲ ପଞ୍ଚାୟତ କାର୍ଯ୍ୟାଳୟରୁ ଲୁଟ୍ ହୋଇଛି। ସୋମବାର ରାତିରେ ଦୁର୍ବୃତ୍ତମାନେ କାର୍ଯ୍ୟାଳୟ ମୁଖ୍ୟ ଫାଟକ ତାଲା ଭାଙ୍ଗି ଏକ ଏଲ୍ଇଡି ଟିଭି, ସ୍ପିକର ଓ ସିପିୟୁ ଲୁଟିନେଇଛନ୍ତି। ମଙ୍ଗଳବାର ତାଲା ଭଙ୍ଗା ଯାଇଥିବା ଖବର ପାଇ ସରପଞ୍ଚ ମଧୁସ୍ମିତା ସାମଲ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନା ଏଏସ୍ଆଇ ଲମ୍ବୋଦର ଜେନା ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି।

### ବାଇକ ଚୋରି ଅଭିଯୋଗ

ପାଣିକୋଇଲି,୨୪।୯(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ବଜାରର ରଞ୍ଜନ ସୁଇଟ୍ସ ଦୋକାନ ସମ୍ମୁଖରୁ ସୋମବାର ସନ୍ଧ୍ୟାରେ ଏକ ବାଇକ ଚୋରି ହୋଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ନଂ.୩୧୩/୩୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ମକୁନ୍ଦପୁର ପଞ୍ଚାୟତ କଡ଼ମିଆଁ ଗ୍ରାମର ଦିଗମ୍ବର ମହାପାତ୍ର ରଞ୍ଜନ ସୁଇଟ୍ସ ଦୋକାନ ସମ୍ମୁଖରେ ତାଙ୍କ ବାଇକ୍(ଓଡି୦୪ଇ ୮୭୯୦)କୁ ରଖି ଚା' ପିଇବାକୁ ଯାଇଥିଲେ। ସେଠାରୁ ଫେରିବାକୁ ବେଳକୁ ବାଇକ୍ ନ ଥିଲା। ବହୁ ଖୋଜାଖୋଜି କରି ନିରାଶ ହେବାପରେ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ରାଇରଙ୍ଗପୁର,୨୪।୯(ମାନସ ମହାନ୍ତି)

ବହଳଦା ଥାନା ଅଧୀନ ଦୁଦୁଗାଁ ଗ୍ରାମର ଜଣେ ଯୁବକ ରବିବାର ଖଡ଼ିକା ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଭାସି ଯାଇଥିଲେ। ମଙ୍ଗଳବାର ନିକଟସ୍ଥ ଚାପଡ଼ା ଘାଟରୁ ତାଙ୍କ ମୃତଦେହ ମିଳିଛି।

# ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ।

ପାଣିକୋଇଲି,୨୪।୯(ବିକାଶ ମଲ୍ଲିକ)

ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୋରେଇ ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ (ବିଇଓ) ସୁଦର୍ଶନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ବିଦ୍ୟାଳୟ ଭାରାପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କୋରେଇ ନୋଡାଲ ସ୍କୁଲ୍ ପ୍ରଧାନଶିକ୍ଷକ ମହେଶ୍ୱର ବେହେରା, ସମ୍ମାନିତ ଅତିଥିଭାବେ ପାଣିକୋଇଲି ସାଧନକେନ୍ଦ୍ର ସିଆରସିସି କେଶବ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ୨୧ ପ୍ରତିଯୋଗୀ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। କୃତ୍ରିମ ବୁଦ୍ଧିମତା-କାର୍ଯ୍ୟଦକ୍ଷତା ଓ ସାମ୍ଭାବ୍ୟତା ପ୍ରମୁଖ ଆଲୋଚ୍ୟ ବିଷୟ ବସ୍ତୁଥିଲା। କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ସୁମେୟା କୌସର(ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗନା), ଦ୍ୱିତୀୟ ସ୍ଥାନ ଅକସରା ସାମଲ(ଶଶିଭୂଷଣ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ) ଓ ତୃତୀୟସ୍ଥାନ ଓମ୍‌କାର ପ୍ରୀୟଦର୍ଶନ ଜେନା (ପାଣିକୋଇଲି ସରକାରୀ ଉଚ୍ଚ ବଦ୍ୟାଳୟ) ଅଧିକାର କରିଥିଲେ। ବିଚାରକଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ଦାସ ଓ ସତ୍ୟବାଦୀ ପାତ୍ର ଯୋଗ ଦେଇଥିଲେ। ବରୁଣ୍ଡେଇ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ଜିତେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ଼ଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ପୂର୍ବତନ ଶିକ୍ଷା ଅଧିକାରୀଙ୍କ ପରଲୋକ

କଳିଙ୍ଗନଗର,୨୪।୯(ଶୁଭାଶିଷ ରାଉତ)

ପୂର୍ବତନ ଶିକ୍ଷା ଅଧିକାରୀ ପ୍ରଶାନ୍ତ ସାମଲଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘବର୍ଷ ଧରି କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମାରାଣୀ ବିଶ୍ୱାଳ, ପୁଅ ଅଭିଲାଷ ସାମଲ, ବୋହୂ ମୌମ୍ୟାଞ୍ଜଳି ଜେନା, ଝିଅ ଲିପ୍‌ସା ଲୋପାମୁଦ୍ରା ସାମଲ, ଜ୍ୱାଇଁ ମାନସ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ। ୧୯୫୩ରେ ଯାଜପୁର ଜିଲାର ଦାନଗଦୀ ବ୍ଲକ ଅନ୍ତର୍ଗତ ଖରଡ଼ାବନ୍ଦୀ ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରଶାନ୍ତ ସାମଲ ଉଚ୍ଚଶିକ୍ଷା ହାସଲ ପରେ ରାଜ୍ୟ ଶିକ୍ଷା ବିଭାଗରେ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କ କର୍ମମୟ ଜୀବନ ପୁରୀ ଜିଲାରେ ଅତିବାହିତ ହୋଇଥିଲା। ପୁରୀ ଜିଲାର କଣାସ ଓ ସତ୍ୟବାଦୀ ବ୍ଲକରେ ବହୁବର୍ଷ ଧରି ଶିକ୍ଷା ଅଧିକାରୀ ଭାବରେ କାମ କରିଥିବା ସ୍ୱର୍ଗତ ସାମଲ, ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ଓ ବିକାଶ ଦିଗରେ ଅନେକ କାମ କରିଥିଲେ। ତାଙ୍କ ପରଲୋକରେ ତାଙ୍କ ଗ୍ରାମ ଖରଡ଼ାବନ୍ଦୀ ଏବଂ ପୁରୀ ଜିଲାର ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବରୀ,୨୪।୯(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅନ୍ତର୍ଗତ ମହାକାଳପଡ଼ା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୩୫୩ ଅଭିଯୋଗ ପଞ୍ଜୀକୃତ କରାଯାଇଥିଲା। ସେଥିମଧ୍ୟରୁ ୩୦୨ ବ୍ୟକ୍ତିଗତ ଓ ୫୧ ସାମୂହିକ ଅଭିଯୋଗ ରହିଥିଲା। ଶିବିରକୁ ସରପଞ୍ଚ ପ୍ରଜ୍ଞାପରାମିତା ପରିଡ଼ା, ସମିତିସଭ୍ୟ ବିଭୁପ୍ରସାଦ ରାଉତ ପରିଚାଳନା କରିଥିଲେ। ବିଡିଓ ପଞ୍ଚାନନ ମଲ୍ଲିକ, ଏବିଡିଓ ମହେଶ୍ୱର ସେଠୀ, ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ପ୍ରାଣୀଧନ ଚିକିତ୍ସା ଅଧିକାରୀ ଭକ୍ତଚରଣ ସେଠୀ, ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ସାହୁ, ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡା, ଏପିଓ ରବିନାରାୟଣ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଜେନା, ରତ୍ନଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ୱସ୍ତିକ ମହାନ୍ତି, ଆଲୋକ ଅଧିକାରୀ ଓ ବିପିସି ରୋଜାଲିସା ସାହୁଙ୍କ ସମେତ ବ୍ଲକର ବିଭିନ୍ନ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ।

# ଶିଳ୍ପ ବିକାଶ ସମ୍ବନ୍ଧୀୟ ସଚେତନତା ଶିବିର

ପାଣିକୋଇଲି,୨୪।୯(ବିକାଶ ମଲ୍ଲିକ)




ସଚେତନତା ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଯାଜପୁର ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ପାଣିକୋଇଲି ପଞ୍ଚାୟତ ଠାରେ ଶିଳ୍ପ ବିକାଶ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡଷ୍ଟ୍ରିଆଲ ମୋଟିଭେଶନ କ୍ୟାମ୍ପ ଜରିଆରେ ଏକ ଦ୍ୱିଦବସୀୟ କ୍ୟାମ୍ପ ଭଲେଣ୍ଟାରୀ ଆସୋସିଏଶନ ଫର ରୁରାଲ ରିକନଷ୍ଟ୍ରକଶନ ଆଣ୍ଡ ସୋସିଆଲ ଆଡଭାନ୍ସମେଣ୍ଟ(ଭିଏଆରଆରଏସଏ) ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଗ୍ରାମାଞ୍ଚଳରେ ଯୁବକମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଶିବିରରେ ୩୦ଜଣ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ନିରଞ୍ଜନ ନାୟକ, ମହମ୍ମଦ ହୁସେନ ଯୋଗଦେଇଥିଲେ। ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରହ୍ମବରଦା ଥାନା ପକ୍ଷରୁ ଗାଡ଼ି ଯାଞ୍ଚ

ବ୍ରହ୍ମବରଦା,୨୪।୯(ଯଯାତି କେଶରୀ ବେହେରା)



ବ୍ରହ୍ମବରଦା ଥାନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମବରଦା ଓ ଏହାର ପାଖ ଅଞ୍ଚଳରେ ଗାଡ଼ି ଯାଞ୍ଚ କରାଯାଇଛି। ବ୍ରହ୍ମବରଦା ଥାନା ଅଧିକାରୀ ଅଂଶୁମାଳା ଦାସଙ୍କ ନିର୍ଦ୍ଦେଶକ୍ରମେ ଓ ଏଏସ୍ଆଇ ଲକ୍ଷ୍ମୀଧର ରାଜଙ୍କ ନେତୃତ୍ୱରେ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ବ୍ରହ୍ମବରଦା କଲେଜ ଛକ ଏବଂ ନାଳକୂଳ ପେଟ୍ରୋଲ ପମ୍ପ ନିକଟରେ ଏହି ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ଅମାନିଆ ବାଇକ ଚାଳକ ଓ ହେଲମେଟ ପିନ୍ଧି ନ ଥିବା ବାଇକ ଆରୋହୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସବୁଦିନ ବ୍ରହ୍ମବରଦା ଓ ଏହାର ଅଖପାଖ ଅଞ୍ଚଳରେ ଯାଞ୍ଚ ଜାରି ରହିବ ବୋଲି ଥାନ ପକ୍ଷରୁ ସୂଚନା ମିଳିଛି।

# ମୁଖ୍ୟମନ୍ତ୍ରୀଙ୍କୁ ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଂଘର କୃତଜ୍ଞତା




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଂଘର କର୍ମକର୍ତ୍ତା।

ଧର୍ମଶାଳା,୨୪।୯(ବଟକୃଷ୍ଣ ପରିଡ଼ା)

ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ୭ଦଫା ଦାବି ଜଣାଇଥିଲା। ମୁଖ୍ୟମନ୍ତ୍ରୀ ଦାବିଗୁଡ଼ିକ ଉପରେ ବିଚାର କରିବା ସହ ସେମାନଙ୍କ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଏହି କୃତଜ୍ଞତା ଜ୍ଞାପନ କରାଯାଇଛି। ଏନେଇ ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ମହାସଂଘ ସଭାପତି ଜଟେଶ୍ୱର ମଲ୍ଲିକ, ଉପସଭାପତି ରାଧାଶ୍ୟାମ ମଲ୍ଲିକ, ସମ୍ପାଦକ ସଞ୍ଜୟ କୁମାର ମଲ୍ଲିକ, ସହସମ୍ପାଦକ ପାଗଳ ଜେନା, କୋଷାଧ୍ୟକ୍ଷ ବାବନ ମଲ୍ଲିକ, ଉପଦେଷ୍ଟା ପ୍ରତାପ ମଲ୍ଲିକ ଓ ଚିନ୍ତାମଣି ମଲ୍ଲିକଙ୍କ ସମେତ ସମସ୍ତ ଜିଲାର ସଭାପତି ଏବଂ ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ।

# ସଂରକ୍ଷଣ ଉଠାଇବା ପ୍ରସଙ୍ଗକୁ ଭାଜପାର ବିରୋଧ

ରସୁଲପୁର,୨୪।୯(ରଞ୍ଜିତ ରାଉତ)



ଖବରଦାତା ସମ୍ମିଳନୀରେ ଭାଜପା କର୍ମୀମାନେ।

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ କୀର୍ତ୍ତି ପ୍ୟାଲେସ ପରିସରରେ ମଙ୍ଗଳବାର ଅପରାହ୍ନରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ସଂରକ୍ଷଣ ଉଠାଇବା ପ୍ରସଙ୍ଗକୁ ବିରୋଧ କରାଯାଇଛି। ଆମେରିକା ଗସ୍ତ ସମୟରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କଂଗ୍ରେସ ଶାସନକୁ ଆସିଲେ ଭାରତରୁ ସଂରକ୍ଷଣ ହଟାଇଦେବାକୁ ମତ ଦେଇଥିଲେ। ବିରୋଧୀ ଦଳ ନେତାଙ୍କ ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି। ଏହାକୁ ନେଇ ଭାରତରେ ଖବରଦାତା ସମ୍ମିଳନୀ ଜରିଆରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରସୁଲପୁର ବ୍ଲକରେ ଏହିଭଳି ସମ୍ମିଳନୀ ଆୟୋଜନ କରାଯାଇଛି ବୋଲି ଏମ୍‌ପି ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ସମ୍ବିଧାନ ଆମ ପାଇଁ ଜାତୀୟ ଗ୍ରନ୍ଥ। ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କୁ ଭାଜପା ସରକାର ସମୟରେ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କଂଗ୍ରେସ ସରକାରର ୫୭ବର୍ଷର ଶାସନ କାଳରେ ସମ୍ବିଧାନକୁ ବାରମ୍ବାର ହତ୍ୟା କରିବାକୁ ଚେଷ୍ଟା କରାଯାଇଛି। ମଣ୍ଡଳ କମିଶନ ଆଳରେ ଓବିସି ସଂରକ୍ଷଣ ବ୍ୟବସ୍ଥାକୁ କିପରି ବିରୋଧ କରାଯାଇଥିଲା ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ସଂରକ୍ଷଣ ବ୍ୟବସ୍ଥାକୁ କାଏମ ରଖିବା ପାଇଁ ବିଭିନ୍ନ ସମୟରେ ଭାଜପା ସରକାରଙ୍କ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ନେଇ ରିପୋର୍ଟ ପ୍ରଦାନ କରିଛନ୍ତି। ଭାଜପା ଥିବା ପର୍ଯ୍ୟନ୍ତ ଦେଶର ସମ୍ବିଧାନ ଓ ସଂରକ୍ଷଣକୁ କେବେ କ୍ଷତି ପହଞ୍ଚିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଦେଶକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ସମଗ୍ର ଭାରତ ଭୂ-ଖଣ୍ଡକୁ ଯୁବକ, ମହିଳା, କୃଷକ, ଗରୀବ ଭଳି ୪ଟି ଭାଗରେ ବିଭକ୍ତ କରାଯାଇଛି। ଏହି ୪ ବର୍ଗର ଲୋକଙ୍କ ବିକାଶ ହୋଇପାରିଲେ ଭାରତ ବିକଶିତ ହୋଇପାରିବ ବୋଲି ଲକ୍ଷ୍ୟ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଦକ୍ଷେପ ନେଉଛନ୍ତି। ସଂରକ୍ଷଣ ବ୍ୟବସ୍ଥା ଏହାର ଏକ ଅଂଶ ବିଶେଷ ବୋଲି ଏମ୍‌ପି କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଯାଜପୁର ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ମଣ୍ଡଳ ସଭାପତି ଲକ୍ଷ୍ମୀଧର ପତି, ଯୁବନେତା ଦେବକାନ୍ତ ନାୟକ ଓ ଅରୁଣ ସାହୁ ଉପସ୍ଥିତ ଥିଲେ।

# ଖୁବ୍‌ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ

- ବରୁଣା ପାକ୍ସରେ ଟଙ୍କା ହଡ଼ପ ପ୍ରସଙ୍ଗ
- ୪ ଜଣିଆ ଟିମ୍ ତଦନ୍ତ କରି ଫେରିଲେ



ତଦନ୍ତକାରୀ ଟିମ୍ ଆମରଣ ଅନଶନ କାରିଥିବା ବ୍ୟକ୍ତିଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାଜକନିକା,୨୪।୯(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା କୃଷି ସମବାୟ ସମିତି(ପାକ୍ସ)ରେ ଚାଷୀଙ୍କ ଅଜାଣତରେ ଋଣ ଓ ଛାଡ଼ ଟଙ୍କା ହଡ଼ପ ହୋଇଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଏ ନେଇ ୧୩ ଜଣ ଚାଷୀ ରାଜକନିକା ଥାନାରେ ଏତଲା ଦେଇଥିଲେ। ହେଲେ କୌଣସି କାର୍ଯ୍ୟକାନୁଷ୍ଠାନ ନ ହେବାରୁ ଗତ ୧୦ ତାରିଖଠାରୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ଆମରଣ ଅନଶନ ଚାଲିଛି। ଏହିକ୍ରମରେ ଚାଷୀମାନେ ପଦଯାତ୍ରାରେ ରାଜକନିକାରୁ ରାଜଧାନୀ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋମବାର ଭେଟିବା ଓ ସମବାୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ମଙ୍ଗଳବାର ରାଜ୍ୟ ସମବାୟ ବିଭାଗର ୪ ଜଣିଆ ଟିମ୍ ରାଜକନିକାକୁ ଆସି କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହି ଚାରିଜଣିଆ ଟିମରେ ଜେଆରସିଏସ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନେତୃତ୍ୱରେ ଏଆର୍‌ସିଏସ୍ ପ୍ରିୟବ୍ରତ ପଣ୍ଡା, ଏସ୍‌ଏଆର୍‌ସିଏସ୍ ଅର୍ଜୁନ ନାୟକ ଓ ଏସ୍‌ଏଆର୍‌ସିଏସ୍ ଅଶୋକ କୁମାର ମହାନ୍ତି ପୂର୍ବାହ୍ନ ୧୧ଟାରେ ତଦନ୍ତ ଆରମ୍ଭ କରି ସନ୍ଧ୍ୟା ୭ଟାରେ ତଦନ୍ତ ସାରି ଫେରି ଯାଇଥିଲେ। ଏହି ତଦନ୍ତକାରୀ ଟିମ୍‌ର ଅଧିକାରୀମାନେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଆମେ ତଦନ୍ତ କରିବାକୁ ଆସିଥିଲୁ। ବହୁ ଡକ୍ୟୁମେଣ୍ଟ ନେଇଛୁ। ତର୍ଜମା କରାଯାଉଛି। ସରକାରଙ୍କୁ ଖୁବ୍‌ଶୀଘ୍ର ରିପୋର୍ଟ ପ୍ରଦାନ କରିବୁ। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।

ବରୁଣା ପାକ୍ସର ସମ୍ପାଦକ ଓ ପୂର୍ବତନ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସମ୍ପୃକ୍ତିରେ ଟଙ୍କା ହଡ଼ପ ହୋଇଥିବା ନେଇ ଥାନାରେ ଏତଲା ହୋଇଥିଲା। ଏହା ପରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଅନ୍ୟତ୍ର ବଦଳି କରି ବିଭାଗ ଚୁପ ହୋଇ ବସିଥିଲା। ହେଲେ ଚାଷୀମାନେ ନ୍ୟାୟ ନ ପାଇବାରୁ ସମିତି ସଭ୍ୟ ପ୍ରବେଶନ ମଲିକ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ୧୫ ଦିନ ହେବ ଅନଶନ ଜାରି ରଖିଛନ୍ତି। ଏହାକୁ ନେଇ କେତେଜଣ ଚାଷୀ ରାଜକନିକାରୁ ରାଜଧାନୀ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଅନଶନକାରୀ ମଲିକ, ଚାଷୀ ସୂର୍ଯ୍ୟମଣି ସାହୁ, ଜଗନ୍ନାଥ ସାମଲ, ଶୁଭ୍ରଜିତ ବିଶ୍ୱାଳ, ସଂଗ୍ରାମ ମଲିକ, ଅରବିନ୍ଦ ମଥାନ, ସୁମନ୍ତ ମଲିକ, ଅକ୍ଷୟ ଗହଣା, ଜଳଧର ମଲିକ ଓ ଜୟନ୍ତୀ ମଲିକ କହିଛନ୍ତି, ସରକାରଙ୍କ ତଦନ୍ତ ଉପରେ ପୂରା ଭରସା ଅଛି। ଚାଷୀ ନ୍ୟାୟ ପାଇବେ, ଦୋଷୀଙ୍କ ଦଣ୍ଡ ମିଳିବ ବୋଲି ଆଶା ରହିଛି। ଏହି ତଦନ୍ତ ସମୟରେ ଜିଲା ଉପନିବନ୍ଧକ ସମବାୟ ବିଭାଗ ସନ୍ତୋଷ କୁମାର ଦାଶ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସମ୍ପାଦକ ଅସିତ୍ କୁମାର ବେଉରା ଗଣମାଧ୍ୟମକୁ କହିଛନ୍ତି, ତଦନ୍ତକାରୀ ଟିମ୍ ଯେଉଁ ଡକ୍ୟୁମେଣ୍ଟ ମାଗିଲେ ଆମେ ଦେଇଛୁ। ମୋ ନାମରେ ହୋଇଥିବା ଅଭିଯୋଗ ମିଥ୍ୟା ଓ କପଳୋକଳ୍ପିତ।

# ଦିବ୍ୟାଙ୍ଗଙ୍କ ଅଭିଯୋଗ ରଖିଲାନି ପୋଲିସ

**ତଦନ୍ତ ନିର୍ଦ୍ଦେଶ ଦେଲେ କମିଶନ**

କେନ୍ଦ୍ରାପଡ଼ା, ୨୪।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ଥାନାରେ ପୋଲିସ ଅଭିଯୋଗପତ୍ର ଗ୍ରହଣ କରୁନାହିଁ। ଏପରି ଉଦାହରଣ ଦିବ୍ୟାଙ୍ଗ କମିଶନରଙ୍କ ଚିଠିରୁ ସୂଚନା ମିଳୁଛି। ଗତ ଅଗଷ୍ଟ ୧ରେ ଚଣ୍ଡିଆପାଲି ଗ୍ରାମର ଦିବ୍ୟାଙ୍ଗ ରଞ୍ଜିତ ସେଠୀ ନିଜର ଇ-ରିକ୍ସାରେ ଗ୍ରାମକୁ ଯାଉଥିଲେ। ଗ୍ରାମର ଜଣେ ମହିଳା ଗାଈକୁ ଖୁଆଇବା ସମୟରେ ଗାଡ଼ିର ହର୍ଣ୍ଣ ଶୁଣି ଡେଇଁ ପଡ଼ିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀ ଦୁହେଁ ମିଶି ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗପତ୍ର ଦେଇଥିଲେ ମଧ୍ୟ ଗ୍ରହଣ କରାଯାଇ ନ ଥିଲା। ଏ ସମ୍ପର୍କରେ ଅଗଷ୍ଟ ୧୧ରେ ରଞ୍ଜିତ ଦିବ୍ୟାଙ୍ଗ କମିଶନ କୋର୍ଟରେ ନିଜର ଅଭିଯୋଗପତ୍ର (ଏସ୍‌ସିପିଡି ନଂ.୧୯୮/୨୪) ଦାଖଲ କରିଥିଲେ। ଏହି ଅଭିଯୋଗକୁ ଅଗଷ୍ଟ ୧୮ରେ ଶୁଣାଣି କରାଯାଇ ମାସେ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଦିବ୍ୟାଙ୍ଗ କମିଶନ ପକ୍ଷରୁ ଏସ୍‌ପିଙ୍କୁ ଚିଠି ହୋଇଛି।

# ସମାଜର ସତ୍‌ପଥ ପ୍ରଦର୍ଶକ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

କେନ୍ଦ୍ରାପଡ଼ା,୨୪।୯ (ଜଗନ୍ନାଥ ଧଳ)



ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦଜୀ ପ୍ରବଚନ ଦେଉଛନ୍ତି।

କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ସ୍ୱାମୀ ଶିବାନନ୍ଦ ଆଶ୍ରମ ପରିସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୮ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନଗର ସଂକୀର୍ତ୍ତନ, ଗୁରୁ ପାଦପୂଜା, ଯୋଗାସନ, ଗୀତା ଓ ଭାଗବତ ପାରାୟଣ, ଅନ୍ନଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ବୃକ୍ଷରୋପଣ ଆଦି ଗତ ୮ ତାରିଖରୁ ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦଙ୍କ ଜୟନ୍ତୀଠାରୁ ଆଧ୍ୟାତ୍ମିକ ପକ୍ଷ ଭାବେ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ଗରାପୁରସ୍ଥ ଆଶ୍ରମ ଅଧ୍ୟକ୍ଷା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦଜୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାମୀ ଅନିର୍ଭାନନ୍ଦ ଗିରି, ଆଚାର୍ଯ୍ୟ ବିକାଶ ନନ୍ଦ ଅବଧୂତ, ସ୍ୱାମୀ ଗିରିଜାନନ୍ଦ ଗିରି ପ୍ରମୁଖ ଯୋଗଦେଇଥିଲେ। ପ୍ରବଚକମାନେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ ସାମ୍ପ୍ରତିକ ସମୟର ଅବକ୍ଷୟମୟ ସମାଜକୁ ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ବହୁ ପୂର୍ବରୁ ମାନସ ଚକ୍ଷୁରେ ଦେଖି ପାରିଥିଲେ। ଏଥିପାଇଁ ସମସ୍ତଙ୍କୁ ସତ୍‌ପଥ ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଉଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, ବ୍ରହ୍ମଚାରୀ ନୃସିଂହ ଦାସଙ୍କ ସମେତ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।

# ଦେବେନ୍ଦ୍ରନାରାୟଣପୁର ପୋଖରୀରୁ କୁମ୍ଭୀର ଧରାହେଲା



ରାତିରେ କୁମ୍ଭୀରକୁ ବନ ବିଭାଗ କର୍ମଚାରୀ ଖୋଜୁଛନ୍ତି।

ରାଜନଗର, ୨୪।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକରେ କୁମ୍ଭୀର ଆତଙ୍କ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ୧୦ଦିନ ତଳେ ବ୍ଲକର ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁର ଗାଁରୁ କୁମ୍ଭୀର ଉଦ୍ଧାର ହୋଇଥିଲା। ପୁଣି ସୋମବାର ରାତିରେ ଦେବେନ୍ଦ୍ରନାରାୟଣପୁରରୁ କୁମ୍ଭୀର ଉଦ୍ଧାର ହୋଇଛି। ରାତି ପ୍ରାୟ ୯ଟାରେ ଓକିଲପାଳ-ଦେବେନ୍ଦ୍ରନାରାୟଣପୁର ରାସ୍ତା ପାର ହୋଇ କୁମ୍ଭୀର ଗାଁ ଭିତରକୁ ଆସୁଥିବା ଦେଖିବାକୁ ମିଳିଥିଲା। ରାସ୍ତା ପାର ହେବା ପରେ କୁମ୍ଭୀରଟି ଦେବେନ୍ଦ୍ରନାରାୟଣପୁର ଗାଁର ରଞ୍ଜିତ ମଣ୍ଡଳଙ୍କ ପୋଖରୀକୁ ଚାଲି ଯାଇଥିଲା। ଏ ନେଇ ବନ ବିଭାଗ ଖବର ପାଇବା ପରେ ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ଫରେଷ୍ଟର ତ୍ରିଦୀପ ପ୍ରଧାନ, ଦେବୀ ପ୍ରସାଦ ମୁଣ୍ଡା, ନିତାଇ ମଣ୍ଡଳ, ବନ କର୍ମଚାରୀ ଦିବାକର ମଲିକ, ପ୍ରଦୀପ ବେହେରା, ବଂଶୀଧର ବେହେରା, ଚନ୍ଦନ ଦାସ, ସହଦେବ ପ୍ରଧାନ, ମାଣିକ ଗୁଡ଼ିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଜାଲ ମାଧ୍ୟମରେ କୁମ୍ଭୀରକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଦୀର୍ଘ ୩ ଘଣ୍ଟାର କସରତ ପରେ ରାତି ୧୨ଟା ୧୫ରେ କୁମ୍ଭୀର ବନ ବିଭାଗ ହାତରେ ଧରାପଡ଼ିଥିଲା। କୁମ୍ଭୀରକୁ ଧରାଯିବା ପରେ ପୋତାବ ଗୁଲୀ ନାଳିରେ ଛାଡ଼ି ଦିଆଯାଇଛି।

# ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ବିଶ୍ୱ ନଦୀ ଦିବସ ପାଳିତ

ଜଗତ୍‌ସିଂହପୁର,୨୪।୯
(ପ୍ରମୋଦ ନାୟକ)

ନାଉଗାଁ ବ୍ଲକର ଅଲଣାହାଟ ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନଙ୍କଦ୍ୱାରା ନଦୀଦିବସ ପାଳନ କରାଯାଇଛି। ଏନ୍‌ସିସିର ଆର୍ମି ଉଇଙ୍ଗ କାମାଣ୍ଡିଂ ଅଫିସରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ପ୍ରଥମେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ନିକଟସ୍ଥ ବଜାର ଓ ଗ୍ରାମ ପରିକ୍ରମା କରାଯାଇ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ପରେ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏନ୍‌ସିସି ଅଫିସର ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଚଳିତ ବର୍ଷ କାର୍ଯ୍ୟକ୍ରମର ଶୀର୍ଷକ ଥିଲା 'ଜୀବନର ଜଳପଥ ପରିସଂସ୍ଥା। ଇକୋସିଷ୍ଟମ, ବନ୍ୟଜନ୍ତୁ, କୃଷି ଏବଂ ମାନବ ସମ୍ପ୍ରଦାୟର ବିକାଶକୁ ସମର୍ଥନ କରିବାରେ ନଦୀଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା କରାଯାଇଥିଲା। ୨୦୦୫ରେ ପ୍ରଥମ ଥର ପାଇଁ ନଦୀ ଦିବସ ପାଳନ କରାଯାଇଥିଲା। ସେହିଦିନଠାରୁ ଏହା ପ୍ରତିବର୍ଷ ପ୍ରତ୍ୟେକ ସେପ୍ଟେମ୍ବର ଚତୁର୍ଥ ରବିବାର ପାଳନ କରାଯାଉଛି ବୋଲି କ୍ୟାଡେଟ୍‌ମାନେ କହିଥିଲେ। ମାନବୀୟ କାର୍ଯ୍ୟକଳାପ ନଦୀଗୁଡିକୁ ବିପଦସଙ୍କୁଳ ଅବସ୍ଥାକୁ ନେଉଛି ସେଥିରୁ ରକ୍ଷା କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବାରେ ଏନସିସି କ୍ୟାଡେଟମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କ୍ୟାଡେଟ ରାଜଲକ୍ଷ୍ମୀ ମୁଦୁଲି, ସ୍ମୃତିରେଖା ସାହୁ, ଅର୍ଚ୍ଚନା ମହାନ୍ତି, ବିଶନିତ ସାହୁ, ବିଶ୍ୱଜିତ ପରିଡା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯୬ ଜଣ କ୍ୟାଡଟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# କୃଷି କାର୍ଯ୍ୟାଳୟରେ ଲହଡ଼ି ମାରୁଛି ବର୍ଷାପାଣି

ରାଜନଗର, ୨୪।୯
(ଭାସ୍କର ରାଉତରାୟ)

ରାଜନଗର କୃଷି କାର୍ଯ୍ୟାଳୟ ମଧ୍ୟରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋରର ସମସ୍ତ କୋଠରିରେ ବର୍ଷାପାଣି ଲହଡ଼ି ଭାଙ୍ଗୁଥିବାରୁ କାର୍ଯ୍ୟ ଏକପ୍ରକାର ଠପ୍ ହୋଇପଡ଼ିଛି। ବର୍ଷାପାଣି ସହ କାର୍ଯ୍ୟାଳୟ ମଧ୍ୟକୁ ସାପ ପ୍ରବେଶ କରିବାରୁ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଥିଲା। କାର୍ଯ୍ୟାଳୟରେ ଥିବା ବିଭିନ୍ନ ଆସବାବପତ୍ର ବର୍ଷାପାଣିରେ ଓଦା ହୋଇଥିବା ଜଣାପଡ଼ିଛି।



କୃଷି କାର୍ଯ୍ୟାଳୟ ଭିତରେ ବର୍ଷା ପାଣି ଜମି ରହିଛି।

# ଗୋଆରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦ୍ରାପଡ଼ା,୨୪।୯ (ଜଗନ୍ନାଥ ଧଳ)



ସିଦ୍ଧାର୍ଥ ନାଥ

ଗୋଆରେ କାର୍ଯ୍ୟରତ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣଙ୍କ ହେଉଛନ୍ତି କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତର କଷୋଟି ଗ୍ରାମର ସିଦ୍ଧାର୍ଥ ନାଥ ବୋଲି ଜଣାପଡିଛି। ମୃତ ଯୁବକଙ୍କ ବାପା କୁଞ୍ଜବିହାରୀ ନାଥ ସୋମବାର ରାତିରେ ତାଙ୍କ ପୁଅ ସିଦ୍ଧାର୍ଥ ସହ ମୋବାଇଲ ଫୋନ୍ ଯୋଗେ କଥା ହୋଇଥିଲେ। ମାତ୍ର ମଙ୍ଗଳବାର ସକାଳୁ କେହି ଜଣେ ମହିଳା ତାଙ୍କ ପୁଅ ମରିଯାଇଥିବା ନେଇ ତାଙ୍କୁ ସୂଚନା ଦେଇଥିଲେ। ସିଦ୍ଧାର୍ଥ ଗୋଆରେ ଆତ୍ମହତ୍ୟା କରିଥିବା ପରିବାର ଲୋକଙ୍କୁ କୁହାଯାଇଥିଲା। ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ୩ ବର୍ଷ ହେବ ସିଦ୍ଧାର୍ଥ ଗୋଆରେ ରହି ଏକ ହୋଟେଲରେ କାମ କରୁଥିଲେ। ଗତ ମାର୍ଚ୍ଚ ମାସରେ ସେ ଘରକୁ ଆସିଥିଲେ। ଏପ୍ରିଲ ୧ରେ ଗୋଆ ଫେରି ଯାଇଥିଲେ। ନିଜର ଏକମାତ୍ର ପୁଅକୁ ହରାଇ ସିଦ୍ଧାର୍ଥଙ୍କ ମା'ବାପା ପାଗଳ ପ୍ରାୟ ହୋଇ ପଡ଼ିଛନ୍ତି। ସିଦ୍ଧାର୍ଥ ଆତ୍ମହତ୍ୟା କରି ନାହାନ୍ତି ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଅଙ୍କ ମୃତଦେହ ଫେରାଇ ଆଣିବା ପାଇଁ ପରିବାର ଲୋକେ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# ସନାତନ ଧର୍ମ ସମ୍ମିଳନୀ ପାଇଁ ବୈଠକ

ରାଜନଗର, ୨୪।୯(ଭାସ୍କର ରାଉତରାୟ)

ଠାକୁର ଶ୍ରୀଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନଧର୍ମସମ୍ମିଳନୀ ୨୦୨୫ ଫେବୃଆରୀ ୨୦ ରୁ ୨୩ ତାରିଖ ଯାଏ ୪ଦିନ ଧରି ଅନୁଷ୍ଠିତ ହେବ। ଏ ନେଇ ମହୁଲିଆଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଧାମ କରମଳାର ବାବାଜୀ ହରେକୃଷ୍ଣ ଦାସମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସନ୍ନ୍ୟାସୀ ବନ ବିହାରୀ ଦାସମହାରାଜ, ସନ୍ନ୍ୟାସୀ ଦିବ୍ୟ ଚୈତନ୍ୟ ଦାସମହାରାଜ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ରାଉତ, ସରପଞ୍ଚଙ୍କ ପ୍ରତିନିଧି ଗଙ୍ଗାଧର ଦାସ, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁଙ୍କ ସମେତ ସମ୍ମିଳନୀ ପରିଚାଳନା କମିଟିରେ ସଦସ୍ୟମାନେ ଉପସ୍ଥିତ ରହି ଚଳିତବର୍ଷର ଆୟ ବ୍ୟୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫେବୃଆରୀରେ ମହୁଲିଆଠାରେ ସନାତନ ଧର୍ମ ସମ୍ମିଳନୀ ଆୟୋଜନ କରିବାକୁ ସ୍ଥିର ହୋଇଥିବା ପୂର୍ବତନ ସରପଞ୍ଚ ରାଉତ ଜଣାଇଛନ୍ତି।

# ଶାରଦୀୟ ଦୁର୍ଗାପୂଜାକୁ ନେଇ ଶାନ୍ତି କମିଟି ବୈଠକ

ପଟ୍ଟାମୁଣ୍ଡାଇ,୨୪।୯(କଳ୍ପତରୁ ନାୟକ)

ଜମିଦାର ଅମଳରୁ ପଟ୍ଟାମୁଣ୍ଡାଇରେ ପ୍ରଚଳିତ ହୋଇଆସୁଥିବା ଗଣପର୍ବ ଦୁର୍ଗା ପୂଜା କେନ୍ଦ୍ରାପଡ଼ା ଜିଲାର ସର୍ବପୁରାତନ ସାଂସ୍କୃତିକ ପର୍ବ। ଏହି ପର୍ବକୁ ପୁରୁଷ ପୁରୁଷ ଧରି ପଟ୍ଟାମୁଣ୍ଡାଇବାସୀ ଗଣପର୍ବ ଭାବେ ପାଳନ କରି ଆସୁଥିବାବେଳେ ଉତ୍ସବର ଏକ ଲମ୍ବା ଇତିହାସ ରହିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଶାରଦୀୟ ଦୁର୍ଗା ପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଭାଗ ନେବାର ବିରଳ ପରମ୍ପରା ରହିଛି। ଏହି ଶାରଦୀୟ ଦୁର୍ଗା ପୂଜା ଉତ୍ସବକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ମଙ୍ଗଳବାର ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ପରିସରରେ ଶାନ୍ତି କମିଟି ଓ ପୂଜା କମିଟିର ମିଳିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ପଞ୍ଚାନନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରଜନଗର ବିଧାୟକ ଧ୍ରୁବ ସାହୁ , ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଅଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ, ଅଗ୍ନିଶମ ଅଧିକାରୀ ରାମକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନିକ ଅଧିକାରୀମାନେ ସରକାରୀ ନୀତିନିୟମ ଓ ପୂଜା ଉତ୍ସବକୁ ଶୃଙ୍ଖଳା ସହ ପାଳନ କରିବା ଦିଗରେ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଧାୟକ ପାଣ୍ଠିରୁ ବ୍ୟୟବରାଦ ହୋଇ ପଟ୍ଟାମୁଣ୍ଡାଇ ସହରରେ ଲାଗିବାକୁ ଥିବା ସିସିଟିଭି କ୍ୟାମେରା ପୂଜା ପୂର୍ବରୁ କାର୍ଯ୍ୟକ୍ଷମ କରିବାକୁ ବିଧାୟକ ସାହୁ ପୌରନିର୍ବାହୀ ଅଧିକାରୀ ଓ ଆଇଆଇସିଙ୍କୁ ପରାମର୍ଶ ଦେଇଥିଲେ। ବାଲିପଡ଼ା, ବାଇପାସ ଓ ବାଳିକା ବିଦ୍ୟାଳୟ ପାଖ ରାସ୍ତା ମାରାମତି, ମେଡିକାଲ ଛକ, ବାଇପାସ ଛକ ଓ କେନାଲ ପୋଲ ନିକଟରେ ପୋଲିସ ନିୟନ୍ତ୍ରଣ ବ୍ୟବସ୍ଥା, ନିଶା ଦ୍ରବ୍ୟ କାରବାର ଓ ବୁଲା ଗୋରୁ ପ୍ରବେଶକୁ କଡ଼ାକଡ଼ି ଭାବେ ନିଷେଧ, ଅନ୍ୟ ରାସ୍ତାଘାଟ ମରାମତି, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, କଳସ ପୂଜା ଘାଟରେ ଜାଲି ବ୍ୟବସ୍ଥା, କୁମ୍ଭୀର ପାଇଁ ସତର୍କତା, ଅପମିଶ୍ରିତ ଖାଦ୍ୟ ବିକ୍ରି ଉପରେ କଟକଣା, ଅସ୍ଥାୟୀ ଟଏଲେଟ, ବ୍ୟବସ୍ଥିତ ବିଦ୍ୟୁତ ଓ ପରିମଳ ବ୍ୟବସ୍ଥା, ଅସ୍ଥାୟୀ ଡାକ୍ତରୀ ଚିକିତ୍ସା, ମେଢ଼ ଯିବା ପାଇଁ ବାଧା ସୃଷ୍ଟି କରୁଥିବା ଗଛ କାଟିବା ସହ ଘରୋଇ ତାର ଉପରକୁ କରିବା, ପାନୀୟ ଜଳ ବ୍ୟବସ୍ଥା, ବିସର୍ଜନ ଘାଟରେ ଦଳ ସଫେଇ ଓ ଆଲୋକ ବ୍ୟବସ୍ଥା, ଆମ୍ବୁଲାନ୍ସ ପାଇଁ ରୋଡ଼ ସେଫ ବ୍ୟବସ୍ଥା ସର୍ବୋପରି କଡାକଡ଼ି ପୋଲିସ ପାଟ୍ରୋଲିଂ କାର୍ଯ୍ୟକାରୀ କରାଯିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସମସ୍ତ ମେଢର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତହସିଲଦାର ନାୟକ ପୂଜା ଉତ୍ସବକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଅତିରିକ୍ତ ତହସିଲଦାର ଦିଲୀପ ନାୟକ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ପ୍ରହସନ ପାଲଟିଲା

- ଅର୍ଦ୍ଧାଧିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅନୁପସ୍ଥିତ
- ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଡେରାବିଶ, ୨୪।୯
(ବେବର୍ତ୍ତା ଅଜୟ ଦାସ)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନର ଅଭିବୃଦ୍ଧି ଓ ସେମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାର ବିକଶିତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଏକ ସୁଦୂରପ୍ରସାରୀ ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି।

ମଙ୍ଗଳବାର ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ କୁସୁନପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ୧୭୪ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରାୟ ଅର୍ଦ୍ଧାଧିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା। କୁଇଜ ସହ ବିଭିନ୍ନ ପ୍ରତିଯୋଗିତା ପାଇଁ ୩ଟି ଗ୍ରୁପ କରାଯାଇଥିଲା। ତୃତୀୟ, ୪ର୍ଥ ଓ ୫ମ ଶ୍ରେଣୀ ପିଲାଙ୍କୁ ନେଇ ସବ୍‌ଜୁନିୟର, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ଏବଂ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ସିନିୟର ଗ୍ରୁପ୍‌ରେ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ଶ୍ରୀକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନଟବର ସାମଲ ଓ ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ଏଥିର ବହୁ ଅବ୍ୟବସ୍ଥା ନେଇ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବ୍ଲକ ଅଧୀନ କେତେଗୋଟି ବିଦ୍ୟାଳୟକୁ ଠିକ୍ ଢଙ୍ଗରେ ସୂଚନା ଦିଆଯାଇ ନ ଥିବାରୁ ଛାତ୍ରୀଛାତ୍ର ଏହି ସୁଦୁରପ୍ରସାରୀ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇପାରି ନ ଥିଲେ ବୋଲି କେତେଜଣ ଅଭିଭାବକ ନିଜର ଅସନ୍ତୋଷ ଜାହିର କରିଛନ୍ତି। ଅପରପକ୍ଷରେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଥିବାବେଳେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର ଠିକ୍ ପରିଚାଳନା କରାଯାଇ ନ ଥିବାରୁ ଛାତ୍ରୀଛାତ୍ର ଖାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥିବା ନେଇ ଅଭିଭାବକମାନେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଇଓ ବେହେରାଙ୍କୁ ପଚାରିବାରୁ ଏହି କାର୍ଯ୍ୟକ୍ରମ ପାଇଁ ସିଆର୍‌ସିସି ମାଧ୍ୟମରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସୂଚନା ଦିଆଯାଇଥିଲା। ମଙ୍ଗଳବାର ଆରମ୍ଭ ହୋଇଥିବା ଲଘୁଚାପଜନିତ ବର୍ଷା ପାଇଁ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାରି ନ ଥିଲେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟାଳୟ ନିକଟରୁ ସାପ ଉଦ୍ଧାର

ପାତ୍ରପୁର,୨୪।୯(ଉମା ଚରଣ ନେପାକ)

ସୁରଙ୍ଗି ନବୋଦୟ ବିଦ୍ୟାଳୟ ପରିସରରୁ ମଙ୍ଗଳବାର ଏକ ରଣା ସାପକୁ ଉଦ୍ଧାର କରାଯାଇଛି। ବିଦ୍ୟାଳୟ ଖେଳପଡିଆ ନିକଟରେ ଘାସ ସଫା କରାଯାଉଥିବା ବେଳେ ୫ ଫୁଟ ଲମ୍ବର ଏହି ସାପଟି ନଜରକୁ ଆସିଥିଲା। ବିଦ୍ୟାଳୟ ପକ୍ଷରୁ ତୁରନ୍ତ ସାପ ଧରାଳିଙ୍କୁ ଖବର ଦିଆଯାଇଥିଲା। ଚିକିଟିର ରାମଚନ୍ଦ୍ର ସାହୁ ପହଞ୍ଚି ସାପଟିକୁ ଧରି ଜଙ୍ଗଲରେ ଛାଡିଛନ୍ତି।

### କୃଷି ଜିଲା କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

ଜି.ଉଦୟଗିରି,୨୪।୯
(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଠାରେ କୃଷି ଜିଲା କାର୍ଯ୍ୟାଳୟର ନୂତନ କୋଠା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାକୁ କୃଷିସମୃଦ୍ଧ ରାଜ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୃଷି ଜିଲା ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ ଓ ମୁଖ୍ୟ ଜିଲା କୃଷି ଅଧିକାରୀ ତୁଷାରକାନ୍ତି ସାମଲ ଯୋଗଦେଇ କୃଷିର ବିକାଶ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଉପ ବିଭାଗ ଅଧିକାରୀ ସୁଶାନ୍ତ କୁମାର ନାୟକ ଓ କୃଷି ଅଧିଦର୍ଶକ କାଳୀ ଚରଣ ସାହୁ ପରିଚାଳନା କରିଥିବା ବେଳେ ଧୀରେନ ପ୍ରଧାନ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ପୋଷଣ ମାସ ପାଳନ

ବୁଗୁଡା,୨୪।୯(କାଳିଚରଣ ଦାଶ)

ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସ୍ତରୀୟ ପୋଷଣ ମାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଏବଂ ତହସିଲଦାର ତାପସ ରାଉତ ଯୋଗଦେଇ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସୁପୋଷଣର ଉପାଦେୟତା ଓ ଆବଶ୍ୟକତା ସାଙ୍ଗକୁ ବାଲ୍ୟ ବିବାହ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକର ତିନି ଜଣ ସହାୟିକା, ଜଣେ ଲେଖାଏ କିଶୋର ଓ କିଶୋରୀ, ପ୍ରତି ସେକ୍ଟରରୁ ଜଣେ ଅଙ୍ଗନୱାଡି କର୍ମୀଙ୍କ ସମେତ ବ୍ଲକ ପୋଷଣ ସଂଯୋଜକ ଏନ୍.ନରସିମା ଆୟେଙ୍ଗାଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏଥିସହ କାର୍ଯ୍ୟକ୍ରମ ସ୍ଥଳରେ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଏବଂ ହାତ ତିଆରି ଶିଶୁ ଖେଳନା ପ୍ରଦର୍ଶନୀ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୧୦ଟି ସେକ୍ଟର ଅନ୍ତର୍ଗତ ବିଭିନ୍ନ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ସମେତ କିଶୋରୀମାନେ ଉପସ୍ଥିତ ଥିଲେ। ସିଡିପିଓ ବବିତା କୁମାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ତାରାତାରିଣୀ, ଦକ୍ଷିଣକାଳୀଙ୍କ ପୀଠରେ ଷୋଡ଼ଶ ପୂଜା

ପୁରୁଷୋତ୍ତମପୁର,୨୪।୯(ସିମାଞ୍ଚଳ ମିଶ୍ର)



ପୁରୁଷୋତ୍ତମପୁର ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ତାରାତାରିଣୀ ଓ ଜଳେଶ୍ୱରଖଣ୍ଡି ଗ୍ରାମରେ ବିଜେ ମା' ଦକ୍ଷିଣକାଳୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପବିତ୍ର ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଏହି ପୂଜା ଚାଲିବ। ଶୋହଳ ଦିନବ୍ୟାପୀ ହେଉଥିବା ଉକ୍ତ ପର୍ବରେ ପ୍ରତେହ ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ, ହୋମ,ଗୁପ୍ତନୀତି ଆଦି ସମ୍ପନ୍ନ ହେବ। ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ନବଶକ୍ତିଙ୍କ ପୂଜାହୋଇ ମହାନବମୀରେ ସନ୍ଧିପୂଜା ପରେ ଦଶହରାରେ ବିଜୟା ଦଶମୀ ପାଳନ ହେବ। ଷୋଡ଼ଶ ଉପଚାରର ପ୍ରଥମ ଦିନରେ ତାରାତାରିଣୀଙ୍କ ସେବାୟତ ଓ ତାଙ୍କ ପରିବାର ଲୋକେ ପବିତ୍ର ଋଷିକୂଲ୍ୟା ନଦୀରେ ପୂଜାର୍ଚ୍ଚନା କରି ୧୦୮ ଜଳକଳସ ଧରି ୯୯୯ ପାହାଚ ଚଢ଼ି ରତ୍ନଗିରି ପାହାଡ ଉପରେ ପ୍ରତିଷ୍ଠିତ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ବଉଳମାଳିଆ ପଥରରେ ନିର୍ମିତ ମନ୍ଦିରର ଗମ୍ଭିରାରେ ବିଜେ କରିଥିବା ମା' ତାରାତାରିଣୀଙ୍କ ଦୁଇ ଭଉଣୀଙ୍କ ଚଳନ୍ତି ପ୍ରତିମାଙ୍କୁ ଗୋଟି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇ ସ୍ନାନ କରାଯାଇଥିଲା। ପରେ ଚଳନ୍ତି ପ୍ରତିମାଙ୍କୁ ପୁଣି ମୁଖ୍ୟ ମନ୍ଦିରକୁ ଫେରାଇ ନିଆଯାଇଥିଲା। ଚଳିତବର୍ଷ ନୂତନ ପରୋହିତ ରୂପେ ଆସିଥିବା ପଣ୍ଡିତ ନିଳମାଧବ ତ୍ରିପାଠୀ ବେଦମନ୍ତ୍ରରେ ପୂଜାପାଠ କରୁଛନ୍ତି। ସେବାୟତ ସଂଘ ସଭାପତି ତପନ ରଣା କର୍ତ୍ତା ରହିଛନ୍ତି। ବାପୁଜୀ ରଣାଙ୍କ ସମେତ ଅନ୍ୟ ସେବାୟତମାନେ ସହଯୋଗ କରୁଛନ୍ତି। ଷୋଡ଼ଶ ଉପଚାର ପୂଜା ସମୟରେ ମା'ଙ୍କୁ ଦର୍ଶନ କଲେ ସମସ୍ତ ଦୁଃଖ ଲାଘବ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ମା'ଙ୍କୁ ଦର୍ଶନ ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପୁରୁଷୋତ୍ତମପୁର ତହସିଲଦାର ଲୋପାମୁଦ୍ରା ରଥ, ବିଡିଓ ମନୋଜ ନାୟକ, ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ବିପିନ ବିହାରୀ ହୋତା ତଦାରଖ କରୁଛନ୍ତି। ସମସ୍ତ ବିଭାଗର ସହଯୋଗରେ ପୂଜା ଶେଷ ହେବ ବୋଲି ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡି କହିଛନ୍ତି। ସେହିପରି ଦକ୍ଷିଣକାଳୀଙ୍କ ପୀଠରେ ମା'ଙ୍କ କୁଳ ପୁରୋହିତ ଦିବ୍ୟସିଂହପୁର ଶାଶନର ପଣ୍ଡିତ ସୁଧାଂଶୁ ଶେଖର ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି।

# ରାସ୍ତା ପାଇଁ ବିଡିଓଙ୍କୁ ଭେଟିଲେ ଲୀପ୍ସା




ଲୀପ୍ସା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି

ଦାରିଙ୍ଗବାଡି,୨୪।୯(ଅରୁଣ ସାହୁ)

ଗାଁ ରାସ୍ତା ନିର୍ମାଣ ପାଇଁ ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ପଞ୍ଚାୟତର ଡାକ୍ତରୀ ଛାତ୍ରୀ ଲୀପ୍ସା ପ୍ରଧାନ ମଙ୍ଗଳବାର ସ୍ଥାନୀୟ ବିଡିଓ ଗଦାଧର ପାତ୍ରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଲୀପ୍ସାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ସେ ଉକ୍ତ ପଞ୍ଚାୟତ ଗର୍ଜେଡି ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ଓ ଆବଶ୍ୟକ କଲଭର୍ଟ ନିର୍ମାଣ କରିବାକୁ ନିବେଦନ କରିଛନ୍ତି। ପୂର୍ତ୍ତ ବିଭାଗ ରାସ୍ତାର ପଦ୍ମପଲିଠାରୁ ଗର୍ଜେଡିକୁ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ଦାବି ଶୁଣି ବିଡିଓ ଏଥିରେ ସହମତି ପ୍ରକାଶ କରିବା ସହ ଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ରଙ୍କୁ ମଧ୍ୟ ଲୀପ୍ସା ଦେଖାକରି ଗାଁ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ପ୍ରକାଶ ଯେ, ଏକ ସାକ୍ଷାତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲୀପ୍ସାଙ୍କୁ ନିଜ ଗ୍ରାମ ସମ୍ପର୍କରେ ପଚାରି ବୁଝିଥିଲେ। ସେହି ସମୟରେ ଲୀପ୍ସା ଉପମୁଖ୍ୟମନ୍ତ୍ରୀଙ୍କୁ ଗର୍ଜେଡିକୁ ପକ୍କା ରାସ୍ତା ନିର୍ମାଣ ପାଇଁ ନିବେଦନ କରିଥିଲେ।

# ମା' ରାମଚଣ୍ଡୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ

ଛତ୍ରପୁର,୨୪।୯(ସନ୍ତୋଷ ପାଢ଼ୀ)

ଛତ୍ରପୁରଠାରୁ ମାତ୍ର ୫ କିମି ଦୂର ମା' ରାମଚଣ୍ଡୀଙ୍କ ପୀଠରେ ମଙ୍ଗଳବାରଠାରୁ ମା'ଙ୍କ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଗଞ୍ଜାମ ଜିଲାର ଅନ୍ୟତମ ପ୍ରତିଷ୍ଠିତ ଏହି ଐତିହ୍ୟ ପୀଠରେ ହେଉଥିବା ଏହି ଶାରଦୀୟ ପୂଜା ଅକ୍ଟୋବର ୧୦ ତାରିଖରେ ଶେଷ ହେବ। ଏଥିପାଇଁ ମନ୍ଦିରର ପାରିପାର୍ଶ୍ୱ ସଫେଇ ସହ ରଙ୍ଗ ହୋଇଛି। ପ୍ରଭୁ ଶ୍ରୀରାମଚନ୍ଦ୍ର ଯେତେବେଳେ ବନବାସ କରିଥିଲେ ସେତେବେଳେ ଏହି କୁଳ ଦେଇ ଯାଉଥିବା ବେଳେ ମା'ଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିବାରୁ ପୀଠର ନାଁ ରାମଚଣ୍ଡୀ ରହିଛି ବୋଲି କୁହାଯାଉଛି। ତେବେ ପୀଠ ସ୍ଥାପନ ନେଇ ଅନ୍ୟ କଥା ମଧ୍ୟ ଶୁଣିବାକୁ ମିଳେ। ଦୀର୍ଘ ବର୍ଷଧରି ଅବହେଳିତ



ମା' ରାମଚଣ୍ଡୀ

ରହିଥିବା ଏହି ପୀଠର ନବକଳେବର ହେବାରେ ଲାଗିଛି। ରାଜ୍ୟ ସରକାର, ଜନପ୍ରତିନିଧି ଏବଂ ମା'ଙ୍କ ଅଗଣିତ ଭକ୍ତଙ୍କ ସହଯୋଗରେ ଏହି ପୀଠ ଆଗକୁ ବଢ଼ିବାରେ ଲାଗିଛି। ଏଠାରେ ପୂର୍ବରୁ ନବରାତ୍ର ପୂଜା ହୋଇଆସୁଥିଲା। ଗତବର୍ଷଠାରୁ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏହି ଷୋହଳ ଦିନରେ ମା' ଷୋହଳଟି ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ପ୍ରତିଦିନ ସୂର୍ଯ୍ୟପୂଜା, ଚଣ୍ଡୀ, ନ୍ୟାସ, ହୋମ ମହାଆଳତୀ ପୂଜା ଅନୁଷ୍ଠିତ ହେବ। ମାନସିକଧାରୀମାନଙ୍କ ପାଇଁ ଦୀପ ବସାଇବା ପାଇଁ ବ୍ୟବସ୍ଥା ହୋଇଛି। ଷୋଳ ଦିନରେ ଷୋଳ ବେଶ ଯଥାକ୍ରମେ ଦୁର୍ଗା/ନନ୍ଦା, ନାରାୟଣୀ/ଭଦ୍ରା, ଈଶାନୀ, ବିଷ୍ଣୁ ମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଏବଂ ସନାତନୀ ବେଶରେ ମା ଦର୍ଶନ ଦେବେ। ଏହାସହିତ ପ୍ରତିଦିନ ବେଦ ପାଠ ହେବ।

### ଜିଲାସ୍ତରୀୟ ପୋଷଣ ମାସ ପାଳିତ

ପାରଳାଖେମୁଣ୍ଡି,୨୪।୯
(ଗିରିଧାରୀ ପରିଛା)

ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲାସ୍ତରୀୟ ପୋଷଣ ମାସ ପାଳିତ ହୋଇଛି। ଏହି ଅବସରରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ ପୋଷଣ ସଚେତନତା ପଦଯାତ୍ରା ହୋଇଥିଲା। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଜିଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତିର ଟିମନ ବାରା,ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର କେ.ସୁନିତା, ଆୟୁଷ ମେଡିକାଲ ଅଫିସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ପାତ୍ର ମଞ୍ଚସୀନ ଥିଲେ। ସେପ୍ଟେମ୍ବର ୧ ରୁ ୩୦ ପର୍ଯ୍ୟନ୍ତ ଏହି ପୋଷଣ ମାସ ପାଳନ କରାଯାଉଛି। ଜିଲାର ସବୁ ସ୍ଥାନରେ ଯେପରି କୌଣସି ମା କିମ୍ବା ଶିଶୁ କୁପୋଷଣର ଶିକାର ନ ହୁଅନ୍ତୁ ତାହା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଉତ୍ତମ ପୋଷଣ ସୁସ୍ଥ ଜୀବନ ପ୍ରସଙ୍ଗକୁ ଭିତ୍ତି କରି ଆଜିର କାର୍ଯ୍ୟକ୍ରମ ବୋଲି ଜିଲାପାଳ କହିଥିଲେ। ଡ଼ାକ୍ତର ପୂର୍ଣ୍ଣଚନ୍ଦ୍ର ପାତ୍ର ରକ୍ତହୀନତା ସମ୍ପର୍କରେ ସଚେତନ ହେବା,ଏହାର ପରୀକ୍ଷା, ଚିକିତ୍ସା ଆଦି ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇକୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ




ଆସିକା,୨୪।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ କଲେଜର ପ୍ରାଧ୍ୟାପକ ତଥା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଦୀନବନ୍ଧୁ ମହାନ୍ତି ମୁଖ୍ୟଅତିଥି ଓ ଅଧ୍ୟାପକ ଡ. ଅଜିତ ମୁନି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆୟୋଜିତ ପ୍ରଶ୍ନୋତ୍ତର, ତର୍କବିତର୍କ ଓ ନିବନ୍ଧକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପବିତ୍ର ଧାଙ୍ଗଡା ମାଝି, ଅଧ୍ୟାପକ ଚନ୍ଦନ ମାରାଣ୍ଡି, ଅଧ୍ୟାପିକା ରେସମା ରାଣୀ ପାତ୍ରଙ୍କ ସମେତ ମହାବିଦ୍ୟାଳୟର ସେବା ଯୋଜନାର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିଭଳି ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟରେ ଏହି ଉତ୍ସବ ଅଧ୍ୟକ୍ଷ ଅଶ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଅଧ୍ୟାପକ ସନାତନ ପଣ୍ଡା, ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ମନୋରଞ୍ଜନ ସାହୁ, ସ୍କାଉଟ ଓ ଗାଇଡ ଅଧିକାରୀ ଅଧ୍ୟାପକ ଶିଶିର ମିଶ୍ର, ଅଧ୍ୟାପକ ବାବାନାଥ ମିଶ୍ର, ଅଧ୍ୟାପକ ବିଶ୍ୱନାଥ ଚୌଧୁରୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସେବା ପ୍ରତି ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ ଦେଇଥିଲେ।

# କଳିଙ୍ଗ ମହାବିଦ୍ୟାଳୟରେ ଏନ୍‌ସିସି ପୁନଃ ପ୍ରତିଷ୍ଠା ଦାବି

ଜି.ଉଦୟଗିରି,୨୪।୯(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଜୀବନ ଶୈଳୀରେ ସୁଧାର ସହ ଚାକିରି କ୍ଷେତ୍ରରେ ଆବଶ୍ୟକତା ଓ ଆଗ୍ରହକୁ ଦେଖି ୨୦୦୪ରେ ଏନ୍‌ସିସି ୨ୟ ଓଡ଼ିଶା ବାଟାଲିୟନ ଅଧୀନରେ ୨୧ ଜଣ ଛାତ୍ରଙ୍କୁ ନେଇ ଅସ୍ଥାୟୀ ଭାବରେ ସିନିୟର୍ ଡିଭିଜନ ଟ୍ରୁପ ଆରମ୍ଭ ହୋଇଥିଲା। ପର୍ଯ୍ୟାୟ କ୍ରମେ ମାତ୍ର ୧ ବର୍ଷ ମଧ୍ୟରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଆଗ୍ରହ ଓ ପରିଶ୍ରମ ସହ ସଫଳତାକୁ ହୃଦୟଙ୍ଗମ କରି ୫୦ ଜଣ ଉଭୟ ଏସ୍‌ଡି ଓ ଏସ୍‌ଡବ୍ଲୁ କ୍ୟାଡେଟ୍‌ଙ୍କ ପାଇଁ ଏନ୍‌ସିସି କାର୍ଯ୍ୟାଳୟ ତରଫରୁ ସ୍ଥାୟୀ ଅନୁମୋଦନ ମିଳିଥିଲା। କିନ୍ତୁ କିଛି ବର୍ଷ ହେବ ହଠାତ୍ କୌଣସି କାରଣରୁ ଏନ୍‌ସିସି ବନ୍ଦ ହୋଇଯାଇଥିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରିଛନ୍ତି। ବର୍ତ୍ତମାନ କଳିଙ୍ଗ ମହାବିଦ୍ୟାଳୟରେ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ବର୍ଗଙ୍କୁ ମିଶାଇ ସମୁଦାୟ ୧୯୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ କଲେଜରେ ଏନ୍‌ସିସି ନ ଥିବାରୁ କଲେଜ ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କିଛି ଏନ୍‌ସିସି କ୍ୟାଡେଟ୍‌ଙ୍କ ସୂଚନାନୁସାରେ ରେଜଲ୍ଟ ଭଲ ହେଲାନି ତେଣୁ ଏନ୍‌ସିସି ବନ୍ଦ ହେଲା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ନିମନ୍ତେ ଏନ୍‌ସିସି ପ୍ରମାଣ ପତ୍ର ବହୁ ଆବଶ୍ୟକ ଥିବା ବେଳେ କଲେଜରୁ ଏନ୍‌ସିସି କଟିବା ପାଇଁ ଦାୟୀ କିଏ ? ସରକାରଙ୍କୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଅଭିଭାବକ ଦାବି କରିଛନ୍ତି। କଳିଙ୍ଗ ମହାବିଦ୍ୟାଳୟରେ ଏନ୍‌ସିସି ପୁନଃ ପ୍ରତିଷ୍ଠା ପାଇଁ କଲେଜ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ସଂଘ ଓ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

### ଲକ୍ଷ୍ମୀପୂଜା ଶୁଭଖୁଣ୍ଟି ସ୍ଥାପନ

ଦାରିଙ୍ଗବାଡି, ୨୪।୯ (ଅରୁଣ ସାହୁ)– ପାର୍ବଣ ଋତୁ ପାଇଁ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳ କ୍ରମଶଃ ଉତ୍ସବମୁଖର ହେବାରେ ଲାଗିଛି। ଦଶହରା ଓ ଲକ୍ଷ୍ମୀପୂଜା ପାଇଁ ଉକ୍ତ ଅଞ୍ଚଳରେ ଶୁଭଖୁଣ୍ଟି ସ୍ଥାପନ ହେଉଛି। ମଙ୍ଗଳବାର ଦାରିଙ୍ଗବାଡି ପଞ୍ଚାୟତ ତୁଡୁକିବାଡି ଗ୍ରାମରେ ଲକ୍ଷ୍ମୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଏଥିପାଇଁ ଗ୍ରାମଦେବୀ ମା'ପାଟ୍ଟଖଣ୍ଡାଙ୍କ ସମେତ ସମସ୍ତ ଦେବୀଦେବଙ୍କୁ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ପ୍ରଭଞ୍ଜନ ନାୟକଙ୍କ ସହ ଏହି କାର୍ଯ୍ୟରେ ପୂଜା କମିଟି ସଭାପତି ଝପର ନାୟକ, ମ୍ୟାନେଜର ବରୁଣ ଦଳବେହେରା, ଅସିତ ମଲିକ, ଅନିଲ ମଲିକ, ଅଜୟ ମଲିକ, ସୁନୀଲ ପ୍ରଧାନ, ଶକ୍ତି ମଲିକଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର

ବ୍ରାହ୍ମଣୀଗାଁ,୨୪।୯(ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଥାନା ଅଧୀନ ବଡ଼ଶଙ୍ଖ ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାର ଲୋକଙ୍କ କାମରେ ଲାଗୁନି। ଏବେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଦେଇ ବିଭିନ୍ନ କାମରେ ଯାତାୟାତ କରୁଥିବା ଲୋକେ ଖରା ଓ ବର୍ଷାରୁ ରକ୍ଷା ପାଇଁ ଏହି ବିଶ୍ରାମାଗାରରେ ଆଶ୍ରୟ ନେଉଥିଲେ। ବଡ଼ଶଙ୍ଖ ଛକ ରାସ୍ତା ପାର୍ଶ୍ୱରେ ଥିବା ଏହି ଯାତ୍ରୀ ବିଶ୍ରାମାଗାର ଉପରେ କିରାମାହା, ନୂଆଗାଁ, କିନାରି ଗାଁ, ଗଡମାହା, ବାଘପଦା, କୁଟଲାରି ଗାଁ ଏବଂ ସାଙ୍ଗଡ଼ମା ଗ୍ରାମର ଲୋକେ ନିର୍ଭର କରନ୍ତି। ସେମାନେ ବ୍ରହ୍ମପୁର



ଯିବାକୁ ବିଶ୍ରାମାଗାରରେ ବସ୍‌କୁ ଅପେକ୍ଷା କରନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ବିଶ୍ରାମାଗାରଟି ଲଟାବୁଦାରେ ପରିପୂର୍ଣ୍ଣ ହୋଇରହିଛି। ଏହା ଗୋରୁ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବିଶ୍ରାମାଗାରର କାନ୍ଥ, ଛାତ ଭାଙ୍ଗିରୁଜି ଗଲାଣି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ଧରି ବ୍ଲକ ପ୍ରଶାସନ ଯାତ୍ରୀ ବିଶ୍ରାମାଗାରର ନବୀକରଣ କରିବାକୁ ପଦକ୍ଷେପ ନେଇନାହିଁ। ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ସୁରକ୍ଷା ପାଇଁ ଥାନାର ଦ୍ୱାରସ୍ଥ ହେଲେ ବରିଷ୍ଠ ନାଗରିକ

ଖଜୁରୀପଡା, ୨୪।୯ (ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରୀପଡା ବ୍ଲକ ଅଞ୍ଚଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ବରିଷ୍ଠ ନାଗରିକମାନେ ମଙ୍ଗଳବାର ସହରର ବିଭିନ୍ନ ସମସ୍ୟା ନେଇ ଖଜୁରୀପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖଜୁରୀପଡା ଜାତୀୟ ରାଜପଥରେ ଦ୍ରୁତ ଗତିରେ ଯାତାୟାତ କରୁଥିବା ଗାଡିମୋଟରକୁ ରୋକିବାକୁ ସେମାନେ ଦାବି କରିଛନ୍ତି। ଏହା ସକାଳ ଓ ସନ୍ଧ୍ୟା ଭ୍ରମଣରେ ଯାଉଥିବା ବରିଷ୍ଠ ନାଗରିକ ଓ ସ୍କୁଲ, କଲେଜ ଓ ଟିଉଶନ ଯାତାୟାତ କରୁଥିବା ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ସେହିପରି ଖଜୁରୀପଡା ଲ୍ୟାମ୍ପସଠାରୁ ବନ୍ଧସାହି ଛକ ଏବଂ ଶିଶୁ ମନ୍ଦିର ଛକରୁ ମେଡିକାଲ ବାଇପାସ ରୋଡ଼ରେ ବେଆଇନ ଭାବେ କିଛି ସାମଗ୍ରୀ ତଥା ପୁରୁଣା ଗାଡି ବର୍ଷ ବର୍ଷ ଧରି ପଡିରହି ସମସ୍ୟା ସୃଷ୍ଟି କରୁଛି। ଖଜୁରୀପଡା ବଡବନ୍ଧ ରାସ୍ତାରେ ଗାଡିମୋଟର ବେଆଇନ ଭାବେ ପାର୍କିଂ କରି ଧୋଇବା ଯୋଗୁ ଏହା ଅନ୍ୟମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ବୁଲାଗୋରୁ ମଧ୍ୟ ରାସ୍ତା ଉପରେ ଶୋଇ ରହି ରାସ୍ତା ଅବରୋଧ କରି ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ତଥା ଆଇନଜୀବୀ ଦେବେନ୍ଦ୍ର ପ୍ରଧାନ, ପୀତାମ୍ବର ସାହୁ, ଅବସରପ୍ରାପ୍ତ ସେନା କର୍ମଚାରୀ ବନମାଳୀ ବେହେରା, ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ବିଶ୍ୱନାଥ ଗଣ୍ଡା, ବିଜୟ ବୈଠାରୁ, ସଇନା ଦଳବେହେରା, ଗୌରହରି ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ନିମାଇଁ ଚରଣ ପ୍ରଧାନ, ରସାନନ୍ଦ ମାଝୀ, ବିଜୟ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାଭାଲ ଏନ୍‌ସିସି ପକ୍ଷରୁ ବିଶ୍ୱ ନଦୀ ଦିବସ




ଗଞ୍ଜାମ,୨୪।୯(ବିଦ୍ୟାଧର ସାହୁ)

ନାଭାଲ୍ ୟୁନିଟ୍ ଏନ୍‌ସିସି ବ୍ରହ୍ମପୁର ପକ୍ଷରୁ ଗଞ୍ଜାମସ୍ଥିତ ଋଷିକୁଲ୍ୟା ତଟ ଓ ଏହାର ଆଖପାଖ ଅଞ୍ଚଳରେ ନଦୀ ସୁରକ୍ଷା ନେଇ ବିଶ୍ୱ ନଦୀ ଦିବସ ପାଳନ କରଯାଇଛି। ସାରା ବିଶ୍ୱରେ ନଦୀର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଏହାର ସୁରକ୍ଷା ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହି ଅବସରରେ ୧(ଓଡ଼ିଶା) ନାଭାଲ୍ ୟୁନିଟ୍ ଏନ୍‌ସିସି କ୍ୟାଡେଟ୍‌ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜଣେ ତୃଣମୂଳ ସ୍ତରରୁ ନିଜର ତଥା ଆଖପାଖ ଅଞ୍ଚଳର ନଦୀ ଓ ଜଳାଶୟଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିପାରିବ ତେବେ କେତେକାଂଶରେ ଜଳକ୍ଲିଷ୍ଟରୁ ରକ୍ଷା ମିଳିପାରିବ ବୋଲି କୁହାଯାଇଛି। ୧୫୦ରୁ ଅଧିକ ନାଭାଲ ଏନ୍‌ସିସି କ୍ୟାଡେଟ୍ ଏହି ଅଭିଯାନରେ ସଫା କରିଥିଲେ। ନାଭାଲ୍ ୟୁନିଟ୍ ଏନ୍‌ସିସି ବ୍ରହ୍ମପୁର ତତ୍ତ୍ୱାବଧନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମାଣ୍ଡିଂ ଅଫିସର କମାଣ୍ଡର ଏନ୍‌ଭିପି ସ୍ୱାମୀଙ୍କ ନିର୍ଦ୍ଦେଶନାରେ ହୋଇଥିଲେ। ଗଞ୍ଜାମ ମହାବିଦ୍ୟାଳୟ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର, ଖଲ୍ଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର, ଏନ୍‌ଆଇଏସ୍‌ଟି ବିଶ୍ୱବିଦ୍ୟାଳୟ ବ୍ରହ୍ମପୁରର ନାଭାଲ ଏନ୍‌ସିସି କ୍ୟାଡେଟ୍ ମାନଙ୍କ ଦ୍ୱାରା ଋଷିକୁଲ୍ୟା ନଦୀତଟର ଅଳିଆ ଆବର୍ଜନା ସଂଗ୍ରହ କରିବା ସହ ସଚେତନତା ବର୍ତ୍ତା ଦିଆଯାଇଥିଲା। ଏହି ଅଭିଯାନରେ ସମସ୍ତ କଲେଜର ଏଏନ୍‌ଓ, ସିଟିଓ, ଏନ୍‌ସିସିର ପିଆଇ ଷ୍ଟାଫ ଏବଂ ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

### ୩ ବିଭାଗର ଥିବା କମିଟି କାର୍ଯ୍ୟକାରୀ କରିବାକୁ ପରାମର୍ଶ

ଖଜୁରିପଡ଼ା, ୨୪।୯ (ବିଦୁର ବେହେରା)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ମଙ୍ଗଳବାର ଖଜୁରିପଡ଼ା ସମିତି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ, ସମିତିସଭ୍ୟ, ପିଇଓ ଏବଂ ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ ଉପସ୍ଥିତ ରହି ଗ୍ରାମ୍ୟ ଜଳ ଓ ପରିମଳ କମିଟି ସମ୍ପର୍କରେ ଆଲୋଚନା କରିଥିଲେ। ଉପରୋକ୍ତ ୩ଟି ବିଭାଗର ଥିବା କମିଟି କାର୍ଯ୍ୟକାରୀ କରିବା ପାଇଁ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କମିଟି କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳରେ ଦେଖାଦେଉଥିବା ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ଏବଂ ପାନୀୟଜଳ ପାଇଁ ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ ବୋଲି ବିଡିଓ ଡୁଙ୍ଗଡୁଙ୍ଗ ପ୍ରକାଶ କରିଥିଲେ।

# ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

ପାରଳାଖେମୁଣ୍ଡି,୨୪।୯
(ଗିରିଧାରୀ ପରିଛା)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ତିନିଦିନ ଧରି ଚାଲିଥିବା ଜିଲାସ୍ତରୀୟ ବିକାଶ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସୂଚନା–ଶିକ୍ଷା–ସଞ୍ଚାର କାର୍ଯ୍ୟକ୍ରମ ମାଧ୍ୟମରେ ଯୋଜନାଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ଓରମାସ ଓ ଜିଲା ପ୍ରଶାସନ ପକ୍ଷରୁ ଏହି ବିକାଶ ମେଳା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ଗୁଣନିଧି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକାଶ ମେଳାର ସଫଳତା ଓ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବିଭାଗ ଷ୍ଟଲ




ଖୋଲି ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଜିଲାର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଖୋଲିଥିବା ଷ୍ଟଲରେ ସେମାନଙ୍କ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ବିକ୍ରୟ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓରମାସ୍, ପଞ୍ଚାୟତିରାଜ, ମିଶନ ଶକ୍ତି, ଶିକ୍ଷା, ପର୍ଯ୍ୟଟନ ବିଭାଗ, ସାମାଜିକ ସୁରକ୍ଷା, କୃଷି ବିଭାଗ ସହ ଅନ୍ୟାନ୍ୟ ବିଭାଗ ମେଳାରେ ସେମାନଙ୍କ ଷ୍ଟଲ ଖୋଲିଥିଲେ।

